ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୮ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 28 DECEMBER 2022

Vol.No. 33 ■ No. 338 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ତାଇୱାନର ବାୟୁ ଓ ଜଳ ସୀମାରେ ଡ୍ରାଗନ କଲା ଯୁଦ୍ଧାଭ୍ୟାସ

ନୂଆଦିଲ୍ଲୀ, ୨୭/୧୨ : ଗୋଟେ ପଟେ ଚୀନରେ କରୋନା କାଳ ଅନ୍ୟପଟେ ଚୀନ ସରକାର କିନ୍ତୁ ନିଜର ବିସ୍ତାରବାଦୀ ନୀତି ଛାଡିବା ପାଇଁ ଆଦୌ ପ୍ରସ୍ତୁତ ନୁହେଁ । ଅର୍ନ୍ତଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ତାଇୱାନ ବାୟୁସୀମାକୁ ଅତିକ୍ରମ କରି ବଡ ଧରଣର ଯୁଦ୍ଧାଭ୍ୟାସ କରିଛି । କେବଳ ବାୟୁସୀମାରେ ନୁହେଁ ଜଳସୀମା ମଧ୍ୟ ଚୀନ ଅତିକ୍ରମ କରିଛି ପିଏଲଏ । ଏକାସହ ୬୨ ଯୁଦ୍ଧ ବିମାନ, ୭ଲଢୁଆ ବିମାନ, ୪୭ ହେଲିକପ୍ଟର ଓ ୭ଟି ଯୁଦ୍ଧ ଜାହଜ ଏହି ଯୁଦ୍ଧାଭ୍ୟାସରେ ସାମିଲ ଥିଲେ । ଏସୟୁ ୩୦ ଯୁଦ୍ଧ ବିମାନ, ପରମାଣୁ ଆକ୍ରମଣରେ ମାହିର ଏଚ୍ ୬ ଓ ଡ୍ରୋନ ବି ସାମିଲ ଥିଲେ । ଡ୍ରାଗନର ଏହା ସବୁଠୁ ବଡ ଅନୁପ୍ରବେଶ ବୋଲି ତାଇୱାନ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ସେପଟେ ଚୀନ ମଧ୍ୟ ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛି । ତାଇୱାନ ଓ ଚୀନ ସୀମା ବିବାଦ ଭିତରେ ଆମେରିକା ମନା କରିବା ପରେ ବାରମ୍ବାର ହସ୍ତକ୍ଷେପ କରୁଛି । ତେଣୁ ଉଭୟ ତାଇୱାନ ଓ ଆମେରିକାକୁ ଜବାବ ଦେବାକୁ ଯାଇ ଏହି ଯୁଦ୍ଧାଭ୍ୟାସ କରାଯାଇଛି । ତାଇୱାନ କହିଛି ଶାନ୍ତିଭଙ୍ଗ କରିବା ପାଇଁ ଚୀନ ଏଭଳି କାମ କରୁଛି । ଆମେରିକା ବାହାନା କରି ବାରମ୍ବାର ଏଭଳି ଅନୁପ୍ରବେଶ କରୁଛି ଚୀନ । ଏହାର ଉଚିତ ଜବାବ ଦିଆଯିବ । ଆଗାମୀ ଦିନରେ ଚୀନ ଶତ୍ରୁ ଦେଶଙ୍କ ସହ ମୁକାବିଲା କରିବା ପାଇଁ ତାଇୱାନ ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ ୧ବର୍ଷର ସାମରିକ ତାଲିମ ବାଧ୍ୟତାମୂଳକ କରିଛନ୍ତି ।

ରାଜ୍ୟ କ୍ୟାବିନେଟ ବୈଠକ ଶେଷ : ଅନୁଦାନପ୍ରାପ୍ତ ଶିକ୍ଷକଙ୍କୁ ଉପହାର

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଗ୍ରାଣ୍ଟ-ଇନ୍ -ଏଡ୍ ଶିକ୍ଷକଙ୍କ ପାଇଁ ଲାଗୁ ହେବ ସପ୍ତମ ବେତନ କମିଶନ୍ । ରାଜ୍ୟ କ୍ୟାବିନେଟ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ଅନୁଦାନପ୍ରାପ୍ତ ବେସରକାରୀ ହାଇସ୍କୁଲ, ୟୁପି ସ୍କୁଲ ଓ ମଦ୍ରାସା ଶିକ୍ଷକଙ୍କୁ ଏହି ବେତନ ମିଳିବ । ଫଳରେ ଉପକୃତ ହେବେ ୨୬ ହଜାର ୧୬୪ ଶିକ୍ଷକ ଓ କର୍ମଚାରୀ । ୨୦୨୧ ଡିସେମ୍ବର ୩୧ ସୁଦ୍ଧା ଶହେ ପ୍ରତିଶତ ଅନୁଦାନ ପାଉଥିବା ଶିକ୍ଷକ ଓ କର୍ମଚାରୀ ଏହି ହାରରେ ବେତନ ପାଇବାକୁ ଯୋଗ୍ୟ ହେବ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ । ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୨୮୦ କୋଟି ୪୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ । ଏହାବାଦ ମହାନଦୀ ବେସିନରେ ଦୁଇଟି ବ୍ୟାରେଜ ନିର୍ମାଣ କରିବାକୁ ନିଷ୍ପତି କରିଛି ରାଜ୍ୟ କ୍ୟାବିନେଟ୍ । ବିନା ବିସ୍ଥାପନରେ ସୀମିତ ନଦୀ ଗର୍ଭରେ ବୃହତ ଜଳାଶୟ ସୃଷ୍ଟି କରିବାକୁ ୨୦୧୯-୨୦ରେ ଯୋଜନା କରାଯାଇଥିଲା । ଜଗତସିଂହପୁର ଜିଲ୍ଲାର ଚୌଧୁରୀଗଡା ଗ୍ରାମ ନିକଟ ମହାନଦୀ ଓ କେନ୍ଦ୍ରାପଡାର ଜିଲ୍ଲା ଟିଖିରୀ ଗାଁ ନିକଟ ମହାନଦୀର ଉପନଦୀ ପାଇକାରେ ତିଆରି ହେବ ବ୍ୟାରେଜ । ଏଥିପାଇଁ ୩୪୪ କୋଟି ୬୭ ଲକ୍ଷ ଟଙ୍କା, ଏପରିକି ୫ ବର୍ଷ ପାଇଁ ୩ କୋଟି ୪୨ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ►►ପୃଷ୍ଠା ୭

ପ୍ରାଥମିକ ଶିକ୍ଷକ ଏକ୍ସ-କ୍ୟାଡର ମହାସଂଘର ଲୋୟର ପିଏମ୍‌ଜିରେ ବିଶାଳ ବିକ୍ଷୋଭ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ୮ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକ ଏକ୍ସ-କ୍ୟାଡର ମହାସଂଘର ପକ୍ଷରୁ ରାଜଧାନୀର ଲୋୟର ପିଏମଜି ଛକ ଠାରେ ବିଶାଳ ବିକ୍ଷୋଭ ସମାବେଶ କରାଯାଇଛି । ମାଷ୍ଟରକ୍ୟାଂଟିନ ଛକଠାରୁ ଲୋୟର ପିଏମଜି ପର୍ଯ୍ୟନ୍ତ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ବିଶାଳ ରାଲିରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନେ ବିଧାନସଭା ଆଡକୁ ଅଗ୍ରସର ହେବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ଥିବା ଦେଖିବାକୁ ମିଳିଛି । ରାଜ୍ୟ ମହାସଂଘର ପଦାଧିକାରୀଙ୍କ କହିବା କଥା ଯେ ସରକାର ତୁରନ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଡେପୁଟେସନ ବାତିଲ କରି ଏକ୍ସ-କ୍ୟାଡର ବ୍ୟବସ୍ଥା ଉଚ୍ଛେଦ କରନ୍ତୁ । ଏଥିସହ ୨୦୧୭ ମାର୍ଚ୍ଚ ୧ରୁ କ୍ୟାଡରଭୁକ୍ତ କରନ୍ତୁ । ଏଡାଛଡ଼ା ସମସ୍ତଙ୍କୁ ଟ୍ରେଜେରୀ ମାଧ୍ୟମରେ ଦରମା ପ୍ରଦାନ, ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ କରନ୍ତୁ । ଫଳରେ ସମସ୍ତ ଶିକ୍ଷକ ନ୍ୟାୟ ପାଇବେ । ସରକାର ଦାବିପୂରଣ ନ କଲେ ଆନ୍ଦୋଳନ ଜୋରଦାର ହେବ ବୋଲି ସେମାନେ ଦାବି କରିଛନ୍ତି ।

କରୋନା ମୁକାବିଲା ପାଇଁ ସାରାଦେଶରେ ମକଡ୍ରିଲ୍

ନୂଆଦିଲ୍ଲୀ, ୨୭/୧୨ : ଯେଉଁ ଦୋଷ-ଦୁର୍ବଳତା କରୋନାର ଦ୍ୱିତୀୟ ଲହରରେ ରହିଯାଇଥିଲା, ସେହି ଭୁଲର ଯେମିତି ପୁନରାବୃତ୍ତି ନହେବ, ସେଥିପାଇଁ ଆଗକୁ ପ୍ରସ୍ତୁତ ହେଉଛି ଭାରତ । ବିଏଫ୍-୭ ଭାରିଆଣ୍ଟର ଭୟାବତାକୁ ଦୃଷ୍ଟିରେ ରଖି, ଦେଶର ସମସ୍ତ ପ୍ରମୁଖ ହସ୍ପିଟାଲରେ ହୋଇଛି ମହାମାରୀ ମୁକାବିଲାର ପ୍ରସ୍ତୁତି । ଯଦି ଭାରତରେ ସଂକ୍ରମଣ ବଢ଼େ, ସ୍ଥିତିର ମୁକାବିଲା କେମିତି କରାଯିବ ସେନେଇ ସାରା ଦେଶରେ ହୋଇଛି ମକଡ୍ରିଲ୍ । ଏହି ମକଡ୍ରିଲରେ ଭେଣ୍ଟିଲେଟର ବ୍ୟବସ୍ଥା, ଅକ୍ସିଜେନର ସୁବିଧା, କୋଭିଡ୍ ବେଡ୍, ସଙ୍ଗରୋଧ ଗୃହ, କୋଭିଡ ପରୀକ୍ଷା, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତି, ମହକୁଦ ଔଷଧ ସମେତ ହସ୍ପିଟାଲ ଭିତ୍ତିଭୂମିର ତଦାରଖ ଓ ଅନୁଧ୍ୟାନ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭୀୟ, ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲ ଯାଇ କୋଭିଡ ମକଡ୍ରିଲର ସମୀକ୍ଷା କରିଥିବା ବେଳେ ବାରଣାସୀର ଏକ ହସ୍ପିଟାଲକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଥିଲେ ୟୁପି ଉପ-ମୁଖ୍ୟମନ୍ତ୍ରୀ । ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ବି ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟକ୍ଷ ନିରୀକ୍ଷଣରେ ହୋଇଥିଲା ମକଡ୍ରିଲ୍ । ଯଦିଓ ଭାରତର କୋଭିଡ ସ୍ଥିତି ନିୟନ୍ତ୍ରଣରେ ରହିଛି ତଥାପି ସାପ୍ତାହିକ ସଂକ୍ରମଣ ୧୧% ବୃଦ୍ଧିପାଇଛି । ୨ମାସ କ୍ରମାଗତ ସଂକ୍ରମଣ କମିବା ପରେ ଏବେ ମହାରାଷ୍ଟ୍ର, ପଞ୍ଜାବ, ରାଜସ୍ଥାନ, ଦିଲ୍ଲୀ ଓ ହିମାଚଳ ପ୍ରଦେଶରେ ସଂକ୍ରମଣ ସାମାନ୍ୟ ବୃଦ୍ଧି ପାଇଛି । ସୋମବାର ଭାରତ ଫେରିଥିବା ୨୩ଜଣ କରୋନା ଚିହ୍ନଟ ହୋଇଛନ୍ତି । ବେଙ୍ଗାଲୁର, କୋଲକାତା, ବୁଦ୍ଧଗୟାକୁ ଫେରିଥିବା ଏହି ଯାତ୍ରୀଙ୍କ ଚିକିତ୍ସା ଚାଲିଛି । ତେବେ ବିଶ୍ୱର ସ୍ଥିତି ଚିନ୍ତାର କାରଣ ବଢ଼ାଇଛି । ଗତ ସପ୍ତାହରେ ଜାପାନରେ ହାରାହାରି ଏକ ଲକ୍ଷ ୩୦ ହଜାର ମାମଲା ସାମ୍ନାକୁ ଆସିଛି । ଆମେରିକା ଓ ଦକ୍ଷିଣ କୋରିଆରେ ୫୦ ହଜାରରୁ ଅଧିକ ମାମଲା ସାମ୍ନାକୁ ଆସିଥିବା ବେଳେ ଜର୍ମାନୀ, ବ୍ରାଜିଲ ଓ ଫ୍ରାନ୍ସରେ କରୋନା ମାମଲା ୩୦ରୁ ୫୦ ହଜାର ଭିତରେ ରହିଛି । ଏସବୁ ଭିତରେ ବିଦେଶ ଫେରନ୍ତାଙ୍କ ଆରଟିପିସିଆର ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ବୁଷ୍ଟର ଡୋଜ୍ ଉପରେ ଗୁରୁତ୍ୱ ଦିଆଯାଇଛି । ସେହିପରି ଭାରତ ବାୟୋଟେକର ନାଜାଲ ଭ୍ୟାକସିନକୁ ମଧ୍ୟ ଅନୁମତି ମିଳିଛି । ଆଉ କର୍ଣ୍ଣାଟକ ସମେତ ଅନ୍ୟ କିଛି ରାଜ୍ୟରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷାକରିବା ଭଳି ସତର୍କତା ପାଳନ ପାଇଁ ଜନସାଧାରଣଙ୍କ ପାଇଁ ଗାଇଡଲାଇନ ଜାରି କରାଯାଇଛି ।

ଭିଜିଲାନ୍ସ ଜାଲରେ ଜଗତସିଂହପୁର ଡେପୁଟୀ କଲେକ୍ଟର

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଚିତ୍ତରଞ୍ଜନ ପିଳା । ଜଗତସିଂହପୁର ଜିଲ୍ଲାର ଡେପୁଟୀ କଲେକ୍ଟର । ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଚିତରଞ୍ଜନଙ୍କ ୯ଟି ଠିକଣାରେ ଏକକାଳିନ ରେଡ୍ କରିଛି । ଚିତରଞ୍ଜନଙ୍କ ଭୁବନଶ୍ୱର, ବାଲେଶ୍ୱର, ସୋନପୁର ଓ ଜଗତସିଂହପୁର ଠିକଣା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ତାଙ୍କ ଚାମ୍ବର, ଭଡ଼ାଘର, ମଞ୍ଜେଶ୍ୱର କନଷ୍ଟ୍ରକସନର ଥିବା ୨ଟି ଫ୍ଲାଟରେ ଛାନ୍ଦିନ୍ ଚାଲିଛି । ଭିଜିଲାନ୍ସର ସୂଚନା ଅନୁସାରେ, ଚିତରଞ୍ଜନଙ୍କ ନିକଟରୁ ଠାବ ହୋଇଛି, ନଗଦ ୮୭ ହଜାର ୭୮୫ ଟଙ୍କା । ଏଥିସହ ୨ ଟି ଚାରି ଚକିଆ ଓ ୩ଟି ୨ ଚକିଆ ଗାଡ଼ି ଠାବ କରିଛି ଭିଜିଲାନ୍ସ । ସେହିପରି ୪ଟା ଫ୍ଲାଟ, ଗୋଟିଏ ୨ ମହଲା ଘର, ୬ଟା ପ୍ଲଟ ଠାବ କରିଛି ଭିଜିଲାନ୍ସ । ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଏବେ ଏସବୁ ଜମି ଫ୍ଲାଟର ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି । ଚିତରଞ୍ଜନଙ୍କର ରହିଛି, ରଙ୍ଗମାଟିଆ ହର୍ଷପ୍ରିୟା ଏନକ୍ଲେଭରେ ଫ୍ଲାଟ୍, ଚନ୍ଦକା ଥାନା ନୂଆଗାଁ ସ୍ଥିତ ଆପାର୍ଟମେଣ୍ଟରେ ଫ୍ଲାଟ, ବାଲେଶ୍ୱର ସୁନା ହାଟରେ ୨ଟି ଫ୍ଲାଟ, ସୋନପୁର ସହରରେ ରହିଛି ୨ ମହଲା କୋଠା । ବାଲିଆପାଲ ନଇଘାଟିରେ ରହିଛି ପୈତୃକ ଘର । ଏଥିସହ ବିଭିନ୍ନ ସ୍ଥାନରେ ରହିଛି ୬ଟି ପ୍ଲଟ୍ । ଯାହାର ସାଙ୍ଗରେ ଛାନଭିନ ଜାରି ରଖିଛନ୍ତି ଭିଜିଲାନ୍ସର ୨୨ ଜଣିଆ ଟିମ୍ । ।

ଆଜି ଓଡିଶା ଆସିବେ ନଡ୍ଡା

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଆସନ୍ତାକାଲି (ବୁଧବାର) ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି । ଗସ୍ତ ଅବସରରେ ଶ୍ରୀ ନଡ୍ଡା କନ୍ଧମାଳ ଓ ପୁରୀ ଲୋକସଭା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେବେ । ନଡ୍ଡାଙ୍କ ଓଡିଶା ଗସ୍ତକୁ ନେଇ ବିଜେପି ଶିବିର ଚଳଚଂଚଳ ହୋଇ ଉଠିଛି । ଦଳ ପକ୍ଷରୁ ଅଧ୍ୟକ୍ଷଙ୍କ ସ୍ୱାଗତ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି । ଶ୍ରୀ ନଡ୍ଡା ଭୁବନେଶ୍ୱର ପହଂଚିବା ପରେ ସିଧାସଳଖ କନ୍ଧମାଳ ଲୋକସଭା ଓ ବାଲିଗୁଡା ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ତୁମୁଡିବନ୍ଧ ଗସ୍ତ କରିବେ । ସେଠାରେ ପୂର୍ବାହ୍ନ ୧୧.୩୦ ସମୟରେ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ଯୋଗ ଦେବା ପରେ ଜଳେଶପଟା ଆଶ୍ରମସ୍ଥିତ ନୂତନ କନ୍ୟାଶ୍ରମକୁ ଉଦ୍‌ଘାଟନ କରିବେ । ଏହା ପରେ ଶ୍ରୀ ନଡ୍ଡା ପୁରୀ ଲୋକସଭା ଓ ଚିଲିକା ବିଧାନସଭା ଅନ୍ତର୍ଗତ ବାଣପୁର ପଲଟନ୍ ପଡିଆରେ ଅପରାହ୍ନ ୩ଟା ସମୟରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗ ଦେବେ । ଏହା ପରେ ଶ୍ରୀ ନଡ୍ଡା ବାଣପୁରସ୍ଥିତ ମାଁ ଭଗବତୀ ମନ୍ଦିରକୁ ଯାଇ ଦର୍ଶନ କରିବା ପରେ ନାଚୁଣୀସ୍ଥିତ କଲେଜ ଇନଡୋର ଷ୍ଟାଡିୟମରେ କାର୍ଯ୍ୟକର୍ତା ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ଶ୍ରୀ ନଡ୍ଡା ସଡକ ପଥରେ ଭୁବନେଶ୍ୱର ଫେରି ଆସି ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ ।

ନାଜାଲ ଟିକା ଇନକୋଭାକର ମୂଲ୍ୟ ସ୍ଥିର ହେଲା

ନୂଆଦିଲ୍ଲୀ, ୨୭/୧୨ : ଭାରତ ବାୟୋଟେକ ଇଂଟରନ୍ୟାସନାଲ ଲିମିଟେଡ଼ର (ବିବିଆଇଏଲ) ଇନଟ୍ରାନାସାଲ ଟୀକା, ଇନକୋଭାକ ଘରୋଇ ଡାକ୍ତରଖାନା ପାଇଁ ୮୦୦ ଟଙ୍କା ଏବଂ ସରକାରୀ ଯୋଗାଣ ପାଇଁ ୩୨୫ ଟଙ୍କା ରହିଛିତ । ଏଥିରେ ଜିଏସଟି ଅଲଗା ଭାବରେ ଯୋଡ଼ାଯିବ । ମଙ୍ଗଳବାର ଦିନ ଏକ ପ୍ରେସ ବିଜ୍ଞପ୍ତିରେ ଭାରତ ବାୟୋଟେକ କହିଛି ଯେ, ଜାନୁଆରୀ ଚତୁର୍ଥ ସପ୍ତାହରୁ ଏହି ଟୀକା ନେଇପାରିବେ । ଏହା କୋବିନ ପୋର୍ଟାଲରେ ଉପଲବ୍ଧ ।

ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱରରେ ପହଂଚିଲା ଭାରତୀୟ ପୁରୁଷ ହକି ଦଳ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଆଗାମୀ ହକି ବିଶ୍ୱକପରେ ଭାଗ ନେବାକୁ ଭାରତୀୟ ହକି ଦଳ ଆଜି ଓଡିଶା ପହଂଚିଛି । ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଆସନ୍ତା କାଲି ଠାରୁ ଭାରତୀୟ ଦଳ ପ୍ରାକ୍ଟିସ ଆରମ୍ଭ କରିବ । ଭୁବନେଶ୍ୱରରେ ପହଂଚିବା ପରେ ଭାରତୀୟ ଖେଳାଳୀ ମାନେ ହୋଟେଲକୁ ଯାଇଥିଲେ । ବିଶ୍ରାମ ପରେ ସେମାନେ ରାଉରକେଲା ଅଭିମୁଖେ ଯାତ୍ରା କରିବେ । ଅପରାହ୍ନରେ ଝାରସୁଗୁଡା ବିମାନ ବନ୍ଦରରେ ପହଂଚିବା ପରେ ସେମାନେ ରାଉରକେଲା ଯିବେ । ସେଠାରେ ଭାରତୀୟ ଖେଳାଳୀ ମାନେ ଅଭ୍ୟାସ ଆରମ୍ଭ କରିବେ ବୋଲି ଜଣା ପଡିଛି । ଉଲ୍ଲେଖନୀୟ ଯେ ହକି ବିଶ୍ୱକପ୍-୨୦୨୩ର ସମସ୍ତ ମ୍ୟାଚ ଆସନ୍ତା ଜାନୁଆରି ୧୩ରୁ ଆରମ୍ଭ ହେବ । ଏହା ୨୯ ତାରିଖ ଯାଏଁ ଚାଲିବ । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳାଯିବ ।

ରାୟଗଡାରେ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁର ହେବ କ୍ରାଇମବ୍ରାଂଚ ତଦନ୍ତ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ରାୟଗଡାରେ ରୁଷୀୟ ସାଂସଦ ପାଭେଲ ଆଂଟୋଭ ଓ ଭ୍ଲାଦିମିରଙ୍କ ମୃତ୍ୟୁ ମାମଲାରେ ତଦନ୍ତ କରିବ କ୍ରାଇମବ୍ରାଂଚ(ସିବି-ସିଆଇଡି) । କେଉଁ ସ୍ଥିତିରେ ପର୍ଯ୍ୟଟକଙ୍କୁ ମୃତ୍ୟୁ ହେଲା ସେ ନେଇ ତଦନ୍ତ କରାଯିବ । ସିଆଇଡିକୁ ସ୍ଥାନୀୟ ପୋଲିସ ସହଯୋଗ କରିବ ବୋଲି କହିଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ । ଡିଜି ସୁନୀଲ ବଂଶଲ କହିଛନ୍ତି, ଏବେ ପର୍ଯ୍ୟଟନ ଋତୁ ଚାଲିଥିବାରୁ ପୂରା ଦେଶର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକ ରହିଛନ୍ତି । ରାୟଗଡ଼ାକୁ ବୁଲିବା ନିମନ୍ତେ ଆସିଥିବା ୪ ରୁଷୀୟ ପର୍ଯ୍ୟଟକଙ୍କ ଭିତରୁ ଜଣଙ୍କ ମୃତ୍ୟୁ ହୃଦ୍‌ଘାତରୁ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି । ତେବେ ପୂରା ରିପୋର୍ଟ ମିଳିବା ପରେ ପ୍ରକୃତ କଥା ଜଣାପଡ଼ିବ । ଗୋଟିଏ ହୋଟେଲରେ ରହିବା ପରେ ୨୨ ତାରିଖରେ ଜଣେ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାର ଦୁଇଦିନ ପରେ ଅର୍ଥାତ୍ ଗତ ୨୪ ତାରିଖରେ ତାଙ୍କ ସାଙ୍ଗରେ ଥିବା ଅନ୍ୟଜଣଙ୍କ ମୃତ୍ୟୁ ହୋଇଥିଲା । ପାଭେଲ ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି । ଏହି ଦୁଇଟି ଘଟଣାରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି । ଶବ ବ୍ୟବଚ୍ଛେଦ କରାଯିବା ପରେ କୋଲକାତା ସ୍ଥିତ ରୁଷ ଦୂତାବାସର ଲୋକଙ୍କ ସହ ଯୋଗାଯୋଗ କରାଯାଇଛି । ରୁଷ ଅଫିସିଆଲଙ୍କୁ ମୃତକଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ସମେତ ପାସ୍‌ପୋର୍ଟ ଓ ଅନ୍ୟାନ୍ୟ କାଗଜପତ୍ର ହସ୍ତାନ୍ତର କରାଯାଉଛି । ତେବେ ହଠାତ୍ ଦୁଇଟି ମୃତ୍ୟୁ ଘଟଣା କାହିଁକି ଘଟିଲା ଓ ଏହା ପଛର ରହସ୍ୟ କ'ଣ ରହିଛି ସେ ନେଇ ଜଣାପଡ଼ିନି । ମାମଲାର ତଦନ୍ତରେ ହୋଟେଲରେ ଥିବା ଅନ୍ୟ ଦୁଇ ରୁଷ ପର୍ଯ୍ୟଟକଙ୍କ ସହଯୋଗ ମଧ୍ୟ ନିଆଯାଉଛି । ଅନ୍ୟପକ୍ଷରେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ହୋଟେଲ୍ ରେ ପହଂଚି ଛାନ୍‌ଭିନ୍ କରିଛନ୍ତି ଦକ୍ଷିଣପଶ୍ଚିମାଂଚଳ ଡିଆଇଜି ►►ପୃଷ୍ଠା ୭

ମାଣ୍ଡିଆ ସଂଗ୍ରହକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ଚିଠି

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ରାଜ୍ୟରେ ଖରିଫ ୨୦୨୨-୨୩ ବର୍ଷରେ ଚାଷୀମାନଙ୍କଠାରୁ ମାଣ୍ଡିଆ ସଂଗ୍ରହକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ଜିଲ୍ଲାପାଳମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପତ୍ର ଲେଖିଛନ୍ତି । ଆଜି ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ମାଣ୍ଡିଆ ସଂଗ୍ରହରେ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ସ୍ୱୟଂକ୍ରିୟ ଏମ୍-ପାସ୍ ମାଧ୍ୟମରେ ପ୍ୟାକ୍ସ, ଲ୍ୟାମ୍ପସ୍ ଏବଂ କୃଷକ ଉତ୍ପାଦନ ସଂଗଠନଗୁଡ଼ିକ ଜରିଆରେ ମାଣ୍ଡିଆ ସଂଗ୍ରହ କରିବାକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । କିଛି ନ୍ୟସ୍ତସ୍ୱାର୍ଥ୍ୟ ଗୋଷ୍ଠୀଙ୍କ ଦ୍ୱାରା ପଡ଼ୋଶୀ ରାଜ୍ୟର ରାଗି/ମାଣ୍ଡିଆ କମ୍ ମୂଲ୍ୟରେ କିଣି ଖରିଫ୍ ୨୦୨୨-୨୩ ବର୍ଷ ନିମନ୍ତେ ଓଡ଼ିଶା ମିଲେଟ୍

କୋରେଇ ମହୋତ୍ସବ-୨୦୨୨ ଉଦ୍‌ଯାପିତ

କୋରେଇ,୨୭/୧୨ (ନି.ପ୍ର): ସାହିତ୍ୟ ଅନେକ ସମୟରେ ସମାଜର ପଟପରିବର୍ତ୍ତନ କରିଦେଇଥାଏ। ସେଥିପାଇଁ ସାହିତ୍ୟିକମାନଙ୍କୁ ଶାଣିତ ସାହିତ୍ୟ ଲେଖିବାକୁ ହେବ, କାରଣ ସାହିତ୍ୟ ବ୍ୟତିରେକେ ସମାଜ ତିଷ୍ଠିବା ସମ୍ଭବ ନୁହେଁ ବୋଲି କୋରେଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ୪୦ତମ 'କୋରେଇ ମହୋତ୍ସବ'ର ଉଦ୍‌ଯାପନୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଉଦ୍‌ଯାପନୀ ଅଧିବେଶନ ତଥା କବି ଅଭିମନ୍ୟୁ ସାମନ୍ତସିଂହାର ମଂଚର ସମାବର୍ତ୍ତନ ଉତ୍ସବ ସଂସଦର ସଭାପତି ନନ୍ଦକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଓଡିଆ ସାହିତ୍ୟ ଇତିହାସକାର ଡକ୍ଟର ସୁରେନ୍ଦ୍ର କୁମାର ମହାରଣା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଲେଖକ ସମ୍ମଳେନର ସଭାପତି ଡ଼. ରୁଦ୍ରନାରାୟଣ ପୃଷ୍ଟି ଯୋଗ ଦେଇଥିଲେ। ସଂସଦର ସଂପାଦକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଂଟିଆ ବାର୍ଷିକ ବିବରଣି ପ୍ରଦାନ କରିଥିବାବେଳେ ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି ଅତିଥି ପରିଚୟ ଓ କାର୍ଯ୍ୟକାରୀ ସଂପାଦକ ଦୟାନିଧି ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସମାବର୍ତ୍ତନ ଉତ୍ସବରେ ଚଳିତବର୍ଷ ସଂସଦର ମର୍ଯ୍ୟଦା ଜନକ 'କସ୍ତୁରୀ ପୁରସ୍କାର' ବିଶିଷ୍ଟ ଶିଶୁ-ସାହିତ୍ୟିକ ନୀଳମଣି ଚାନ୍ଦଙ୍କୁ ପ୍ରଦାନ କରାଯାଇଥିବା ବେଳେ 'କାହ୍ନୁଚରଣ ଖୁଂଟିଆ ସ୍ମୃତି ପୁରସ୍କାର' କବି ଡକ୍ଟର ତୁହିନାଂଶୁ ରଥ, 'ଶଚିଦେବୀ ଲେଖିକା ପୁରସ୍କାର' ସୁଶ୍ରୀ ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା, 'ଶ୍ୟାମସୁନ୍ଦର ମହାନ୍ତି ସ୍ମୃତି ପୁରସ୍କାର' ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି(ପତ୍ରିକାର ସଂପାଦକ), ଦଶରଥ ବିଶ୍ୱାଳ ସ୍ମୃତି ପୁରସ୍କାର' କୃତିଛାତ୍ରୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ପୃଷ୍ଟି,'ଗଦାଧର ସାହୁ ସ୍ମୃତି ପୁରସ୍କାର' ପାଲାଗାୟକ ଶ୍ରୀ ଜଗନ୍ନାଥ ଧଳ, 'ଗଦାଧର ସ୍ୱାଇଁ ଶିକ୍ଷକ ଗୌରବ ପୁରସ୍କାର' ଚିତରଞ୍ଜନ ଦାସ(ଶିକ୍ଷକ), ଅଚ୍ୟୁତାନନ୍ଦ ପତି ଗଳ୍ପ ସମ୍ମାନ ଅମରେଶ ବିଶ୍ୱାଳ, ସ୍ୱର୍ଗତ କୈଳାସ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ ଡକ୍ଟର ଅଶୋକ କୁମାର ସିଂହ, ଡକ୍ଟର ରମେଶ ମହାନ୍ତି ସାରସ୍ୱତ ସମ୍ମାନ କବି ମିରୀନା ମହାନ୍ତି, 'ଦ୍ରୌପଦୀ-ପ୍ରାଣକୃଷ୍ଣ' ସ୍ମୃତି ସମ୍ମାନ ବିଶିଷ୍ଟ ସମାଜସେବୀ ଦମୋଦର ଦୋବେଇଙ୍କୁ ପ୍ରଦାନ କରାଯଇଥିଲା। ସେହିପରି ଚଳିତ ବର୍ଷ ସଂସଦ ସମ୍ମାନରେ ଶରତ କୁମାର ଦାସ, ପ୍ରବାସୀ ସାରସ୍ୱତ ସଂଗଠକ ଲମ୍ବୋଦର ବେହେରା ଏବଂ ସ୍ୱତନ୍ତ୍ର 'ସାମ୍ବାଦିକ ସମ୍ମାନ' ଶ୍ରୀକାନ୍ତ ରାୟଙ୍କୁ ପ୍ରଦାନ କରାଯାଇଥିବା ବେଳେ 'ବୋଲେହୁଁଟି' ପତ୍ରିକାର ପ୍ରତିଭା ସମ୍ମାନ କଳ୍ପଲତା ପାତ୍ର ଏବଂ 'ଆଜ୍ଞା ନମସ୍କାର'ପତ୍ରିକାର 'ବ୍ୟାଙ୍ଗମୁଣି ସମ୍ମାନ' ଜଗତ ମୋହନ (ବ୍ୟଙ୍ଗକବି), ଡ. ସୁରେନ୍ଦ କୁମାର ମହାରଣାଙ୍କୁ ସଂସଦର ଶୀର୍ଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ସହସଂପାଦକ ମଳୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ଣରେ ପ୍ରଥମ ଅଧବେଶନ କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଶିବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ଉପସଭାପତି ବିନୋଦ ବିହାରୀ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ 'ଗୋକର୍ଣ୍ଣିକା'ର ସଂପାଦକ ରମାକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସୁବାସ ଧଳ, ଗାଳ୍ପିକ ନିର୍ମଳଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ବ୍ୟଙ୍ଗକବି ବାଇଧର ମାଝୀ, ଅକ୍ଷୟ କୁମାର ବାରିକ ଓ ଅଶୋକକୁମାର ପତି ପ୍ରମୁଖଙ୍କ ସଂଯୋଜନାରେ ପଣ୍ଡିତ ଯୁଗୋଳ କିଶୋର ମିଶ୍ର, ପଣ୍ଡିତ ଅକ୍ଷୟ କୁମାର ଦାସ, ଅମିତାଭ ଖୁଂଟିଆ, ନାରାୟଣ ମହାଳିକ, ପ୍ରଭାତ ମଲ୍ଲିକ, କାଦମ୍ବିନୀ ଜେନା, ଡକ୍ଟର ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ସନ୍ଧ୍ୟାରାଣୀ ଘଡାଇ, ପ୍ରତିମା ରଥ, ଯୋଗେନ୍ଦ୍ର କୁମାର ସାହୁ, ରାମଚନ୍ଦ୍ର ଦାଶ ପ୍ରମୁଖ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସଙ୍ଗଠନ ସଂପାଦକ ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ ସମ୍ପାଦକ ବାଇଧର ମାଝୀଙ୍କ ପରିଚାଳନାରେ ନୃତରତ୍ନ ଭୋଳାନାଥ ଘୋଷ ଓ ନୃତ୍ୟଗୁରୁ ବୈକୁଣ୍ଠନାଥ ନନ୍ଦଙ୍କ ନିର୍ଦ୍ଦେଶନାରେ ବ୍ୟାସନଗର ସ୍ଥିତ ବ୍ୟାସଶ୍ରୀ କଳାନିକେତନ, ସରସ୍ୱତୀ କଳା ନିକେତନ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନାଟକ ଓ ନୃତ୍ୟ ପରିବେଶିତ ହୋଇଥିଲା।

ମନମୁଣ୍ଡାଠାରେ ନବାହ୍ନ ପରାୟଣ ଓ ରାମ ଚରିତ ମାନସ ମହାସମାରୋହରେ ପାଳିତ

ସୁବର୍ଣ୍ଣପୁର ,୨୭/୧୨ (ନି.ପ୍ର): ମନମୁଣ୍ଡା ସୁବର୍ଣ୍ଣାପାଲି ବସ୍ତି ଠାରେ ଗତ ୧୮ ତାରିଖ ରୁ ଆଜି ଯାଏ ଦୀର୍ଘ ନଅ ଦିନ ଧରି ନବାହ ପରାୟଣ ଓ ରାମ ଚରିତ ମାନସ ମହା ସମାରୋହ ରେ ପାଳିତ ହୋଇ ଯାଇଛି। ଏଥିପାଇଁ ୧୭ ତାରିଖ ଦିନ ତେଲନଦୀ ରେ ରୀତି ନୀତି ରେ ଗଙ୍ଗା ମାତା ଙ୍କ ପୂଜା ପାଠ କରାଯାଇ ବ୍ରିଜ ଘାଟ ରୁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ସହର ପରିକ୍ରମା କରାଯାଥିଲା । ଯେଉଁଥିରେ କି ଶହ ଶହ ମହିଳା ସାମିଲ ଥିଲେ । ଏହି ଉତ୍ସବ ରେ ସୀତା ବିବାହ ଅନୁଷ୍ଠିତ ହୋଇଥିବା ବେଳେ ସୀତା ଦେବୀ ଙ୍କ ବାପା ମାଆ ଭାବେ ମନମୁଣ୍ଡା ର ସୀତୁ ବେହେରା ଓ ତାଙ୍କ ଧର୍ମ ପତ୍ନୀ ଏବଂ ଶ୍ରୀ ରାମ ମହାପ୍ରଭୁ ଙ୍କ ବାପା ମାଆ ଭାବେ ରାମ ଅଗ୍ରୱାଲ ଓ ତାଙ୍କ ଧର୍ମ ପତ୍ନୀ ରୀନା ଅଗ୍ରୱାଲା ପ୍ରଭୁ ସେବା ର ଅପୂର୍ବ ସୁଯୋଗ ପାଇ ଥିଲେ। ଏଠାରେ କର୍ତ୍ତା ଭାବେ ରାମଚନ୍ଦ୍ର ଆଗ୍ରୱାଲ ଙ୍କ ପରିବାର ସକ୍ରିୟ ଯୋଗ ଦେଇଥିଲେ । ପଣ୍ଡିତ ଜ୍ୟୋତିରଞ୍ଜନ ପଣ୍ଡା ଙ୍କ ଦ୍ୱାରା ଦୀର୍ଘ ଦଶ ଦିନ ଧରି ସମସ୍ତ ପୂଜାବିଧି କରାଯାଇଥିବା ବେଳେ ପଣ୍ଡିତ ରାଜେଶ ଦାଶ ରାମଚରିତ ମାନସ ପାଠ କରିଥିଲେ । ଆଜି ସୋମବାର ଦିନ ଦିନ ଏହାକୁ ଉଦଯାପନ କରାଯାଇଛି । ସସ୍ତ୍ରିତା ସେନାପତି, ଲୀଳାବତୀ ସେନାପତି, ସତ୍ୟବତୀ ନାଏକ, ମିତା ନାଏକ, ଶଶୀ ସାହୁ, ତନୁଜା ସାହୁ, ଯୋଗେସ ଆଗ୍ରୱାଲ, ଖୁସି ଆଗ୍ରୱାଲ, ପୂର୍ବୀ ସେନାପତି, ବିଭୀଷଣ ଭୁକ୍ତା, ସୁବଳ ମଲ୍ଲିକ, ଜୟନ୍ତୀ ସାହୁ ପ୍ରମୁଖ ସୁବର୍ଣ୍ଣାପାଲି ବସ୍ତି ର ସମସ୍ତ ପରିବାର ସହଯୋଗ କରିଥିଲେ । ଦୀର୍ଘ ସାତ ବର୍ଷ ଧରି ଏଇ ନବାହ ପରାୟଣ ଓ ରାମ ଚରିତ ମାନସ ମନମୁଣ୍ଡା ର ସୁବର୍ଣ୍ଣାପାଲି ଠାରେ ଆୟୋଜିତ ହୋଇ ଆସୁଥିବା ବେଳେ ଏ ସମଗ୍ର ଅଞ୍ଚଳ ରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ପାରୁଛି । ପ୍ରତିଦିନ ଭକ୍ତ ଶ୍ରଦ୍ଧାଳୁ ଙ୍କ ପାଇଁ ଅନ୍ନ ପ୍ରସାଦ ସେବନ ର ମଧ୍ୟ ବ୍ୟବସ୍ଥା କରାଯାଏ ।ସୋନପୁର ମନମୁଣ୍ଡା ର ସ୍ୱଚ୍ଛ ଭାରତ ସଂଗଠନ ର ଉପ ସଭାନେତ୍ରୀ ଉନ୍ମୁମତୀ ପୁରୋହିତ, ସମାଜ ସେବୀ ମନୋରଞ୍ଜନ ତ୍ରିପାଠୀ, ଲଡୁକିଶୋର ମଲ୍ଲିକ, ମନୋଜ ପଣ୍ଡା, ତରଣୀ ମେହେର, ପ୍ରମୋଦ ସାହୁ, ସଂଗୀତା ନାଏକ ଓ ସଂଗଠନ ର କର୍ମକର୍ତ୍ତା ଙ୍କ ସମେତ ଏ ଅଂଚଳ ର ଶହ ଶହ ଭକ୍ତ ଶ୍ରଦ୍ଧାଳୁ ସାଧୁ ସନ୍ୟାସୀ ଏହି ଉତ୍ସବ ରେ ପ୍ରତିବର୍ଷ ସାମିଲ ହୋଇ ସହଯୋଗ କରି ପ୍ରଭୁ ଙ୍କ ଆଶୀର୍ବାଦ ନେଇଥାନ୍ତି ।

ଅମର୍ଦ୍ଦା ରୋଡ ରେ ବେଡମିଣ୍ଟନ ଆସୋସିଏସନ୍ ପକ୍ଷରୁ ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ

ବସ୍ତା,୨୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅମର୍ଦାରୋଡ ବେଡମିଟନ ଆସୋସିଏସନ୍ ପକ୍ଷରୁ ଅମର୍ଦାରୋଡ ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟନ ହୋଇ ଯାଇଛି,ଏହି ଟୁର୍ଣ୍ଣାମେଣ୍ଟକୁ ଅମର୍ଦାରୋଡର ବିଶିଷ୍ଟ ସମାଜବାଦୀ ଭୁବନ ଚନ୍ଦ୍ର ରଣା ଉଦ୍ଘାଟନ କରିଛନ୍ତି,ଏହି ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ,ଏଥିରେ ୮ ଟି ଦଳ ଅଂଶଗ୍ରହଣ କରିଛନ୍ତି, ଆଇ ପି ଏଲ ଢାଞ୍ଚାରେ ଖେଳା ଯାଉଛି ଏହି ଟୁର୍ଣ୍ଣାମେଣ୍ଟ, ପ୍ରତ୍ୟେକ ଦଳ ସମସ୍ତ ଅଂଶଗ୍ରହଣ କରିଥିବା ଦଳ ସହିତ ମୁକାବିଲା କରିବେ,ଚମ୍ପିଆନ ଦଳକୁ ଟ୍ରଫି ସହିତ ୨୫ ହଜାର, ରନର୍ସ ଦଳକୁ ଟ୍ରଫି ସହିତ ୨୦ ହଜାର ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଦଳକୁ ଟ୍ରଫି ସହିତ ଅର୍ଥ ୧୫ ହଜାର ପୁରସ୍କାର ପ୍ରଦାନ କରାଯିବ ।

ଶ୍ରୀବିହାର ପୁରାତନ ଛାତ୍ର ପରିଷଦର ସମାବେଶ

ପୁରୀ,୨୭/୧୨ (ନି.ପ୍ର): ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ପୁରାତନ ଛାତ୍ର ପରିଷଦର ମହାସମାବେଶ ଶ୍ରୀବିହାର ଠାରେ ଅନୁଷ୍ଠିତ ହୋଇଯାଇଛି। ୧୯୪୩ ମସିହାରୁ ୨୦୨୨ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ଅଂଶ ଗ୍ରହଣ କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଛାତ୍ର ତଥା ସେହି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରିହର ହୋତା ଏହି ସମାବେଶରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସମାଜକୁ ଶୃଙ୍ଖଳିତ କରିବା ପାଇଁ ସଂସ୍କୃତ ଓ ଶାସ୍ତ୍ରର ମହତ୍ୱ ରହିଛି । ସଂସ୍କୃତ ଭାଷା ଅଧ୍ୟୟନ ଓ ଗବେଷଣା କରିବା ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସ୍ନାତୋକତର ପରିଷଦର ଅଧକ୍ଷ ପ୍ରଫେସର ଶତ୍ରୁଘନ ପାଣିଗ୍ରାହୀ ପୁରାତନ ଛାତ୍ରମାନେ ବିଶ୍ୱବିଦ୍ୟାଳୟର ପ୍ରମୁଖ ଅଙ୍ଗ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳ ସଚିବା ସୁବିତ୍ରା ପଟ୍ଟନାୟକ ଯୋଗଦେଇ ଆଲୁମନି ସଭ୍ୟ ଓ ସଭ୍ୟାମାନେ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ମୁଲ୍ୟବାନ ପରାମର୍ଶ ଦିଅନ୍ତୁ ବୋଲି କହିଥିଲେ । ଛାତ୍ର କଲ୍ୟାଣ ସମିତିର ନିର୍ଦ୍ଦେଶକ ଜୟ ମାଣିକ୍ୟ ଶାସ୍ତ୍ରୀ ମୋ କଲେଜ ଅଭିଯାନ ସମ୍ପର୍କରେ ମତ ଦେଇଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଗୁରୁମାନଙ୍କୁ ପୂଜା କରାଯାଇଥିଲା । ଡ଼ଃ ଚନ୍ଦନ ମିଶ୍ର ବେଦ ପାଠ କରିଥିଲେ । ପୁରାତନ ଛାତ୍ର ଡ଼ଃ ପ୍ରଧାନ ଧୀରେନ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଫେସର ରାଧାଗୋବିନ୍ଦ ତ୍ରିପାଠୀ,ପ୍ରଫେସର ପ୍ରଶାନ୍ତ କୁମାର ମହଲା,ଡ଼.କମଳକାନ୍ତ ମିଶ୍ର, ଡ଼.ଜ୍ଞାନ ରଞ୍ଜନ ପଣ୍ଡା,ଡ଼. ଗୋପୀନାଥ ପଣ୍ଡା, ଡ଼, ଗିରିଜା ଶଙ୍କର ପତି, ବିନାୟକ ପ୍ରଧାନ,ନିରଞ୍ଜନ ବେହେରା, ଅରୁଣ କୁମାର ମହାପାତ୍ର, ଦ୍ୱାରିକା ନାଥ ଶତପଥୀ,କୃଷ୍ଣଚନ୍ଦ୍ର ପାତ୍ର, ଅସୀମ ନାୟକ, ଶ୍ରୀକାନ୍ତ କୁମାର ଶତପଥୀ, ଡ଼.ଜିତେନ୍ଦ୍ର କୁମାର ଦାଶ,ଡ଼,ଅନିମା ପାତ୍ର, ଡ଼.ସୌଦାମିନୀ ତ୍ରିପାଠୀ, ଡ଼.ହରପ୍ରିୟା ଦାଶ,ଡ଼.ମୀରାରାଣୀ ଖଣ୍ଡୁଆଳ ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉତ୍ସବରେ ଶିକ୍ଷାନୁଷ୍ଠାନର ୧୯୮୩ ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ହଜାରେ ପୁରୁଣା ବିଦ୍ୟାର୍ଥୀ ଯୋଗ ଦେଇଥିଲେ । ଅମିୟ ଦାଶ ସଂଗଠନର କାର୍ଯ୍ୟପନ୍ଥା ବିଷୟରେ ସୂଚନା ଦେଇଥିଲେ । ଡ଼. ସୁଶାନ୍ତ କୁମାର ରାଜ ସଂଯୋଜନା କରିଥିବା ବେଳେ ଡ଼. ବସନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ବାଇକରୁ ପଡି ବାଇକ ବାଇକ ଚାଳକ ଗୁରୁତର

ବସ୍ତା,୨୭/୧୨ (ନି.ପ୍ର): ଥାନା ଆଜି ରାତି ୮ ଟା ସମୟରେ ଗୁଡିଖାଳ ଛକ ନିକଟରେ ବାଇକ ରୁ ପଡି ବାଇକ ବାଇକ ଚାଳକ ଗୁରୁତର, ଗୁରୁତର ଅବସ୍ଥାରେ ବସ୍ତା ଡାକ୍ତରଖାନରେ ଭର୍ତ୍ତି । ସୂଚନାରୁ ପ୍ରକାଶ ସାରମୁଳା ଅଂଚଳ ତପନ ସରେନ ବାଇକ ନମ୍ବର OR01N3473 ଧରି ରାଜଘାଟ ଅଂଚଳରୁ ବାହାରି ଅମର୍ଦାରୋଡ ଆସୁଥିବା ସମୟରେ କୌଣସି କାରଣ ବଶତଃ ଗୁଡ଼ିଖାଳ ଛକ ନିକଟରେ ବାଇକ ରୁ ପଡିଯାଇଥିଲେ । ତେବେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଖବର ଦେଇଥିଲେ ସଂଗେ ସଂଗେ ଆମ୍ବୁଲାନ୍ସ ପହଂଚି ସ୍ଥାନୀୟ ଲୋକଙ୍କ ସହାୟତା ରେ ଗୁରୁତର ଅବସ୍ଥା ରେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ପଠାଇଥିଲେ। ତେବେ ଖବର ପାଇ ଅମର୍ଦାରୋଡ ଫାଣ୍ଡି ଅଧିକାରୀ ପହଂଚି ଅଧିକ ତଦନ୍ତ ଜାରୀ ରଖିଛି।

ବଡ଼ବିରୁହାଁ ପୁରାତନ ବିଦ୍ୟାର୍ଥୀ ପରିଷଦର ପ୍ରତିଷ୍ଠା ଦିବସ ପାଳିତ

କୋରେଇ,୨୭/୧୨ (ନି.ପ୍ର): କୋରେଇ ବ୍ଲକ୍ ଅନ୍ତର୍ଗତ ବଡ଼ବିରୁହାଁ ପଂଚାୟତ ବଡ଼ବିରୁହାଁ ଉଚ୍ଚ ବିଦ୍ୟାପୀଠ ପୁରାତନ ବିଦ୍ୟାର୍ଥୀ ପରିଷଦର ୧୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଷରରେ ଏକ ସମାବର୍ତ୍ତନ ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ କୋରେଇର ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ଯୋଗ ଦେଇ ପାଠପଢା ପରେ ଛାତ୍ରଛାତ୍ରୀମାନେ ନିଯୁକ୍ତି ପଛରେ ନଧାଇଁ ନିଯୁକ୍ତି ସୃଷ୍ଟି କରିବାକୁ ପ୍ରୟାସ କରିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କୋରେଇର ପୂର୍ବତନ ବିଡିଓ ହେମନ୍ତ କୁମାର ବିହାରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରେଇ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ମୋହନ ଚରଣ ଖୁଂଟିଆ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦାମୋଦର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ପାଣିଗ୍ରାହୀ ଗୋକୁଳ ଚନ୍ଦ୍ର ଦାଶ, ଅଜୟ କୁମାର ନାୟକ, ଗୁରୁଚରଣ ସାହୁ, ଅଚ୍ୟୁତାନନ୍ଦ ସାହୁ, ବାସୁଦେବ ବିଶ୍ୱାଳ, କୃଷ୍ଣଚନ୍ଦ୍ର ମହାନ୍ତି, ପୁରୁଷୋତମ ଦାଶ, ଗଣେଶ ବୋଇତାଇ, ହରିହର ନାୟକ, ବଡ଼ବିରୁହାଁ ସରପଂଚ ତପନ କୁମାର ମାଝି ଏବଂ ବିଜେପି ନେତା ପ୍ରସନ୍ନ ସାମଲ ପ୍ରମୂଖ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ପ୍ରୁଲ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ବିଧ୍ୟାଳୟର ପୁରାତନ ଛାତ୍ର କୃଷ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବେକାନନ୍ଦ ମହାପାତ୍ର, ମୁକ୍ତିକାନ୍ତ ମହାପାତ୍ର, ଚନ୍ଦ୍ରଶେଖର ଦାସ, ବାପୁନି ବାରିକ, ଶୁଭାଶିଷ ସାହୁ, ନୀଳମାଧବ ପଣ୍ଡା, ରାଜେଶ ଓଝା, ମୃତ୍ୟୁଞ୍ଜୟ ବିଶ୍ୱାଳ, ରାଜକୁମାର ତରାଇ, ବଳରାମ ସାହୁ, କ୍ଷେତ୍ରବାସୀ ପଣ୍ଡା, ଧନେଶ୍ୱର ପାଳ, ଜୀବନ ପଣ୍ଡା, ହେହମନ୍ତ ସ୍ୱାଇଁ, ଚିତରଂଜନ ସାହୁ, ଲିଟନ ସାହୁ, ଚନ୍ଦ୍ରଶେଖର ସାହୁ, ସିପୁନ ବାଇ, କିଷାନ ନାଥ, ବିଷ୍ଣୁଚରଣ ଓଝା, ଆଶିଷ ସାହୁ, ଗଣେଷ ମାଝି, ପ୍ରକାଶ କୁମାର ମଲିକ, ପ୍ରୁଲ କୁମାର ମଲିକ, ରାଜେଶ ମହାପାତ୍ର, ଚନ୍ଦନ ସାହୁ, ପ୍ରୀତିଶ ସାହୁ, ନିରାକାର ସେଠୀ, ବିକ୍ରମ ମାଝି, ତ୍ରୀନାଥ ତରାଇ, ପରମେଶ୍ୱର ପଣ୍ଡା, ସଂଜୟ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଆଦ୍ୟାଶକ୍ତି ନାରୀ ସଂଗଠନର ସପ୍ତମ ବାର୍ଷିକ ଉତ୍ସବ

ବଲାଙ୍ଗିର,୨୭/୧୨ (ନି.ପ୍ର): ବଲାଙ୍ଗିରର ଆଦ୍ୟାଶକ୍ତି ନାରୀ ସଂଗଠନ ର ପ୍ରତିଷ୍ଠା ଦିବସ ତଥା ସପ୍ତମ ବାର୍ଷିକ ଉତ୍ସବ ଆଜି ଦିନ ୩.୩୦ ରେ ସ୍ଥାନୀୟ ଟାଉନ ବାଳିକା ବିଦ୍ୟାଳୟ ସଭାଗୃହରେ ସଂସ୍ଥା ର ସଭାପତି କସ୍ତୁରୀ ରଥ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଚି। ମୁଖ୍ୟ ଅତିଥିଭାବେ ବଲାଙ୍ଗିର ନଗରପାଳ ଲୀକା ସାହୁ ଯୋଗାଇଥିବା ବେଳେ ମୁଖ୍ୟବକ୍ତାଭାବେ ଶ୍ରୀମତୀ ବିଜୟଲକ୍ଷ୍ମୀ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ମା ଆଦ୍ୟାଶକ୍ତି ସମଲେଶ୍ୱରୀଙ୍କ ପୂଜନ କାର୍ଯ୍ୟ ଦୀପ ପ୍ରଜ୍ୱଳନ ଅତିଥି ମାନଙ୍କ ଦ୍ୱାରା କରାଯାଇ ଥିଲା ଓ ସମ୍ପାଦକ ମାଳତି ଉଦ୍ଗାତା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ଓ ସଂଗଠନର ଉପଦେଷ୍ଟା ପ୍ରତିଷ୍ଠାତା ସଦସ୍ୟ ମଦନମୋହନ ରଥ ମଂଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

ଖୋର୍ଦ୍ଧା ଜିଲ୍ଲାରେ ପୁରୁଷ ହକି ବିଶ୍ୱକପକୁ ଭବ୍ୟ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୨୭/୧୨ (ନି.ପ୍ର): ସୋମବାର ପୂର୍ବାହ୍ଣରେ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ପଂଚ

ଭାରତର ଧନୀ ରାଜପରିବାର

ଆମ ଦେଶ ଭାରତରେ ବହୁ ରାଜପରିବାର ଅଛନ୍ତି । ଏବେ ମଧ୍ୟ ସେମାନଙ୍କ ପାଖରେ ଅମାପ ଧନସମ୍ପତ୍ତି ରହିଛି । ତେବେ ମେୱାର, ୱାଡିୟାର, ନବାବ ପଟୌଦୀ, ଜୟପୁର ରାଜପରିବାର ଏବଂ ଗାଏକ୍‌ୱାଡ୍ ପରିବାର ପାଖରେ ସବୁଠୁ ଅଧିକ ସମ୍ପତ୍ତି ଥିବାର କୁହାଯାଏ ।

ମେୱାର ରାଜବଂଶ:

ଭାରତର ରାଜପରିବାରମାନଙ୍କ ମଧ୍ୟରେ ମେୱାର ବଂଶ ସବୁଠୁ ଅଧିକ ଧନୀ । ମହାରାଣା ପ୍ରତାପ ଏହି ବଂଶର । ରାଜସ୍ଥାନର ଉଦୟପୁରରେ ରହୁଥିବା ରାଣା ପ୍ରତାପ ଏହି ବଂଶର । ରାଜସ୍ଥାନର ଉଦୟପୁରରେ ରହୁଥିବା ରାଣା ଶ୍ରୀଜୀ ଅରବିନ୍ଦ ସିଂହ ମେୱାର ହେଉଛନ୍ତି ଏହି ବଂଶର ୭୬ ତମ ଉତ୍ତରାଧିକାରୀ । ତାଙ୍କ ଏଚ୍‌ଆର୍‌ଏଚ୍ ଗ୍ରୁପ୍ ଅଫ୍ ହୋଟେଲ୍ ରହିଛି ଯାହାର ମୂଲ୍ୟ ୫୦ କୋଟି ଟଙ୍କାରୁ ଅଧିକ ହେବ । ଉଦୟପୁରରେ ଥିବା ଏହି ରାଜାଙ୍କ ଉଆସକୁ ପର୍ଯ୍ୟଟକମାନେ

ଦେଖିବାକୁ ଯାଇଥାନ୍ତି । ଉଦୟପୁର ସହରରେ ପିଛୋଲା ହ୍ରଦ ନିକଟରେ ଏମାନଙ୍କର ଅନ୍ୟ ଏକ ସୁରମ୍ୟ ପ୍ୟାଲେସ୍ ରହିଛି ଯାହାର ନାଁ ଜଗ୍ ମନ୍ଦିର ଆଇଲ୍ୟାଣ୍ଡ୍ ପ୍ୟାଲେସ୍ । ଏହି ପରିବାର ମାଲକାନାରେ ଥିବା ୧୦ରୁ ଊର୍ଦ୍ଧ୍ୱ ହୋଟେଲ୍, ରିସର୍ଟ ଏବଂ ଅନ୍ୟ ପ୍ରତିଷ୍ଠାନଗୁଡ଼ିକରେ ୧୨ ଶହରୁ ଅଧିକ କର୍ମଚାରୀ କାମ କରୁଛନ୍ତି । ଏହି ପରିବାରର ୧୦୦୦ କୋଟି ମୂଲ୍ୟର ସମ୍ପତ୍ତିକୁ ନେଇ ଅରବିନ୍ଦ ସିଂହ ଏବଂ ତାଙ୍କ ଭଉଣୀ ଯୋଗେଶ୍ୱରୀଙ୍କ ମଧ୍ୟରେ ବିବାଦ ରହିଛି । ତେବେ ଏମାନଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ହଜାର ହଜାର କୋଟି ଟଙ୍କା ।

ଜୟପୁର ରାଜବଂଶ:

ଦେଶର ଅନ୍ୟତମ ଧନୀ ରାଜବଂଶ ହେଉଛନ୍ତି ଜୟପୁରର ରାଜପରିବାର । ଏହି ପରିବାରର ଶେଷ ରାଜା ଥିଲେ ଭବାନୀ ସିଂହ । ତାଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ଝିଅର ପୁଅ ପଦ୍ମନାଭ ସିଂହଙ୍କୁ ଉତ୍ତରାଧିକାରୀ ଘୋଷଣା କରିଥିଲେ । ସେତେବେଳେ ୨୩ ବର୍ଷ ବୟସ୍କ ପଦ୍ମନାଭ ଜାତୀୟ ସ୍ତରର ପୋଲୋ ଖେଳାଳି ଭାବେ ଖ୍ୟାତି ଲାଭ କରିଥିଲେ । ଏହି ପରିବାରର ରାମ୍‌ବାଗ୍ ପ୍ୟାଲେସ୍ ଏବେ ତାଜ୍ ହୋଟେଲ୍ ଦ୍ୱାରା ପରିଚାଳିତ ହେଉଛି । ଜୟପୁର ସିଟି ପ୍ୟାଲେସର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ଏହି ପରିବାରର ମୋଟ୍ ସମ୍ପତ୍ତି ୨୦ ହଜାର କୋଟି ବୋଲି ଆକଳନ କରାଯାଉଛି ।

ଗାଏକ୍‌ୱାଡ୍ ରାଜବଂଶ:

ଗାଏକ୍‌ୱାଡ୍ ପରିବାର ପୁନେରୁ ଯାଇ ବରୋଦାରେ ରାଜୁତି କରିବା ସହିତ ଲକ୍ଷ୍ମୀ ନିବାସ ପ୍ୟାଲେସ୍ ଅଧିକାର କରିଥିଲେ । ଏହି ବିରାଟ ପ୍ରାସାଦ ପାଞ୍ଚ ଶହ ଏକର ଜମିରେ ଅବସ୍ଥିତ ଏବଂ ବକିଂହାମ୍ ପ୍ୟାଲେସ୍‌ର ଚାରିଗୁଣ ହେବ ବୋଲି କୁହାଯାଏ । ଏହି ପ୍ରାସାଦ ଭିତରେ ଗଲ୍‌ଫ ପଡ଼ିଆ ରହିଛି । ଗାଏକ୍‌ୱାଡ୍ ବଂଶର ସମରଜିତ୍ ସିଂହ ରାଜା ରବି ବର୍ମାଙ୍କ ଅନେକ ଚିତ୍ର ଉତ୍ତରାଧିକାର ସୂତ୍ରରେ ପାଇଥିଲେ । ଗାଏକ୍‌ୱାଡ୍ ବଂଶର ମୋଟ ସମ୍ପତ୍ତି ୨୦ ହଜାର କୋଟି ।

ୱାଡିୟାର୍ ରାଜବଂଶ:

ମହୀଶୂର ରାଜବଂଶର ଶ୍ରୀକାନ୍ତଦତ୍ତ ନରସିଂହରାଜା ୱାଡିୟାର୍‌ଙ୍କ ମୃତ୍ୟୁ ପରେ ଆଉ କେହି ଉତ୍ତରାଧିକାରୀ ନ ଥିଲେ । ତେଣୁ ଯଦୁବୀର ଗୋପାଳ ରାଜଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିଲା । ୨୦୧୫ରେ ତାଙ୍କର ରାଜ୍ୟାଭିଷେକ ହୋଇଥିଲା । ମହୀଶୂର ପ୍ୟାଲେସ୍ ରେଶମ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧ । ଏହି ରାଜବଂଶର ମୋଟ ସମ୍ପତ୍ତିର ମୂଲ୍ୟ ୧୦ ହଜାର କୋଟି ଟଙ୍କାରୁ ଅଧିକ ।

ନବାବ ପଟୌଦୀ:

ନବାବ ପଟୌଦୀ ଦେଶର ଏକ ଜଣାଶୁଣା ରାଜବଂଶ । ଏମାନେ ଦୀର୍ଘ ସମୟ ଧରି ଦେଶକୁ ଶାସନ କରିଥିଲେ । ବଂଶର ଶେଷ ଶାସକ ମନସୁର ଅଲୀ ଖାନ୍ ପଟୌଦୀ ଶର୍ମିଳା ଟାଗୋରଙ୍କୁ ବିବାହ କରିଥିଲେ । ସେମାନଙ୍କ ତିନି ସନ୍ତାନ ମଧ୍ୟରୁ ଜଣେ ହେଉଛନ୍ତି ଶୈଫ ଅଲୀ ଖାନ୍ । ଶୈଫ୍ ଏବଂ ପଟୌଦୀ ପ୍ୟାଲେସ୍‌ର ମୂଲ୍ୟ ଆଠ ଶହ କୋଟି ଟଙ୍କା । ଶୈଫ୍‌ଙ୍କ ବ୍ୟକ୍ତିଗତ ସମ୍ପତ୍ତି ପ୍ରାୟ ୨୮୩ କୋଟି ଏବଂ ପରିବାରର ଅନ୍ୟ ଜମିବାଡ଼ିର ମୂଲ୍ୟ ୭୫୦ କୋଟି ଟଙ୍କା ।

ସ୍ୱାସ୍ଥ୍ୟ ମନ୍ତ୍ର

ଅନ୍ଧକାର ଉପରେ ଅଧିକ ସମୟ ଉଜ୍ଜ୍ୱଳ ଆଲୋକରେ ରହିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏହା ଦ୍ୱାରା ନିଦ୍ରା ବାଧାପ୍ରାପ୍ତ ହୁଏ । ଶରୀରର ପ୍ରାକୃତିକ ଘଣ୍ଟା କାର୍ଯ୍ୟଦକ୍ଷତା ହରାଏ । ରାତିରେ ଉଜ୍ଜ୍ୱଳ ଆଲୋକରେ ଅଧିକ ସମୟ ଜାଗ୍ରତ ରହିବା କର୍କଟ, ମଧୁମେହ, ମେଦବହୁଳତା ଓ ହୃଦ୍‌ରୋଗର କାରଣ ହୋଇପାରେ । ସବୁ ରଙ୍ଗର ଆଲୋକର କ୍ଷତିକାରୀ ପ୍ରଭାବ ଭିନ୍ନ ଭିନ୍ନ । ଦିନରେ ନୀଳ ଆଲୋକ (ବ୍ଲୁ ୱେଭ୍‌ଲେନ୍‌ଥ) ଶରୀର ପାଇଁ ହିତକାରୀ । ହେଲେ, ରାତିରେ ଅହିତକାରୀ । ସୂର୍ଯ୍ୟାସ୍ତ ପରେ ନୀଳ ଆଲୋକଠାରୁ ନିରାଦପ ଦୂରତାରେ ରହନ୍ତୁ । ରାତିରେ ଅଧିକ ଟେଲିଭିଜନ୍ ଦେଖୁଥିଲେ କି କଂପ୍ୟୁଟରରେ କାମ କରୁଥିଲେ, ନୀଳ ଆଲୋକ ପ୍ରତିରୋଧୀ ଚଷମା ପିନ୍ଧନ୍ତୁ କିମ୍ବା କଂପ୍ୟୁଟର ପରଦାକୁ ଏହି ଆଲୋକ ପ୍ରତିରୋଧୀ ଫିଲ୍‌ଟର୍ ଦ୍ୱାରା ଢାଙ୍କନ୍ତୁ । ଶୋଇବା ଘରେ ନୀଳ ରଙ୍ଗର ଜିରୋ ପାୱାର୍ ବଲ୍‌ବ ବଦଳରେ ନାଲି ରଙ୍ଗର ବଲ୍‌ବ ଲଗାନ୍ତୁ ।

ନାନ୍ ମାଡୋଲ୍

ମାଇକ୍ରୋନେସିଆନ୍ ଦ୍ୱୀପ 'ନାନ୍ ମାଡୋଲ୍'କୁ ୨୦୧୬ରେ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରାଯାଇଥିଲା । ମୁଖ୍ୟ ଦ୍ୱୀପଟି ଶତାଧିକ ଛୋଟ ଛୋଟ କୃତ୍ରିମ ଦ୍ୱୀପ ସହ କେନାଲ୍ ବ୍ୟବସ୍ଥା ଦ୍ୱାରା ସଂଯୁକ୍ତ । ତେବୁ, ଏହାକୁ 'ପ୍ରଶାନ୍ତ ମହାସାଗରୀୟ ଭେନିସ୍' କୁହାଯାଏ । ଦ୍ୱିତୀୟ ଶତାବ୍ଦୀରୁ ଏହା ମଣିଷଙ୍କ ବାସସ୍ଥାନ ରହିଆସିଲାଣି । ଏହାର କୌଣସି ଲିଖିତ ବା ସାଂକେତିକ ପ୍ରାଚୀନ ଇତିହାସ ନାହିଁ । ଅଷ୍ଟମ-ନବମ ଶତାବ୍ଦୀରେ ଏହି କୃତ୍ରିମ ଦ୍ୱୀପଗୁଡ଼ିକ ନିର୍ମିତ । ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁମାନଙ୍କ ଦ୍ୱାରା ସୃଷ୍ଟ ଅଜଣା । ସ୍ଥାନୀୟ କିଂବଦନ୍ତି ଅନୁଯାୟୀ ଓଲିସିପା ଏବଂ ଓଲୋସୋହ୍‌ପା ନାମକ ଦୁଇଜଣ ତାନ୍ତ୍ରିକ ଭ୍ରାତା ସେଗୁଡ଼ିକର ସ୍ରଷ୍ଟା । ସେମାନେ ଉଡ଼ନ୍ତା ଡ୍ରାଗନ୍ ସାହାଯ୍ୟରେ ବିରାଟ ବିରାଟ ପଥର ଆଣି ଦ୍ୱୀପଗୁଡ଼ିକ ଗଢ଼ିଥିଲେ । କୃତ୍ରିମ ଦ୍ୱୀପଗୁଡ଼ିକ ପ୍ରକୃତରେ ବିସ୍ମୟକର । ସପ୍ତଦଶ ଶତାବ୍ଦୀରେ ଏହାର ଜନସଂଖ୍ୟା ହ୍ରାସ ପାଇଥିଲା । ଖାଦ୍ୟ ଓ ପାନୀୟ ଜଳର ଅଭାବ ମୁଖ୍ୟ କାରଣ । 'ନାନ୍ ମାଡୋଲ୍'କୁ ନେଇ ଗୁଡ଼ିଏ ରହସ୍ୟ ଉପନ୍ୟାସ ଲେଖାଯାଇଥିବା ଜଣାଯାଏ ।

ଜଳବାୟୁ ପରିବର୍ତ୍ତନ ସଂକଟ ବଢ଼ିବ

ବିଜ୍ଞାନ ଐତିହାସିକ ରୋହିତ ଗୁପ୍ତାଙ୍କ କହିବାନୁଯାୟୀ ଜଳବାୟୁ ପରିବର୍ତ୍ତନ ବଢ଼ିବା ଯୋଗୁଁ ପ୍ରତିକ୍ରିୟାଶୀଳ ହୋଇଉଠିଛି । ମଣିଷକୁ ସତର୍କ କରାଇ ଏହା କରୋନା ଭଳି ମହାମାରୀ ସୃଷ୍ଟି କରିଛି । କୋଭିଡ-୧୯ ପ୍ରଥମ ଲହରି ବିବେଚନା କରାଯାଇପାରେ । ଏହାପରେ ଆହୁରି ବଡ଼ ଲହରି କିମ୍ବା ନୂଆ ଭୂତାଣୁ ଜନ୍ମନେବା ଅସମ୍ଭବ ନୁହେଁ । ଭାରତରେ କେହି ସମ୍ଭାବ୍ୟ ବଡ଼ ସମସ୍ୟାକୁ ନେଇ ଚିନ୍ତିତ ନାହାନ୍ତି । ତାହା ହେଉଛି ଜଳବାୟୁ ପରିବର୍ତ୍ତନ । ଜଳବାୟୁକୁ ଶୃଙ୍ଖଳିତ ରଖିବା ପାଇଁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରା ହ୍ରାସ ପାଇବା ନିହାତି ଆବଶ୍ୟକ । କୋଭିଡ-୧୯ ଲକ୍‌ଡାଉନ୍ ବେଳେ ବାୟୁମଣ୍ଡଳ କିଭଳି ସ୍ୱଚ୍ଛ ରହିଥିଲା ଏବଂ ନଦୀ ତଥା ସମୁଦ୍ର ଜଳ କିଭଳି ପରିଷ୍କାର ଥିଲା, ତାହା ବିଶ୍ୱବାସୀ ଦେଖିସାରିଛନ୍ତି । ତେଣୁ କରୋନାରୁ ସମସ୍ତଙ୍କୁ ଉଚିତ ଶିକ୍ଷା ମିଳିଛି ବୋଲି କୁହାଯାଇ ପାରିବ । ଆଗକୁ କରୋନାଠାରୁ ଆହୁରି ବଡ଼ ମହାମାରୀକୁ ଏଡ଼ାଇବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା ଦିଗରେ କାମ କରିବାକୁ ହେବ । ଆଗକୁ କରୋନାଠାରୁ ଆହୁରି ବଡ଼ ମହାମାରୀକୁ ଏଡ଼ାଇବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା ଦିଗରେ କାମ କରିବାକୁ ହେବ । ଗୁପ୍ତା ଆହୁରି କହିଛନ୍ତି, ପୃଥିବୀ କହିଲେ କେବଳ ମଣିଷ ସମାଜକୁ ବୁଝାଏ ନାହିଁ । ଅନେକ ସ୍ତରରେ

ଏହା ନିର୍ମାଣ ହୋଇଛି । କୀଟପତଙ୍ଗ ମଧ୍ୟ ପୃଥିବୀ ପାଇଁ ଅନେକ ଗୁରୁତ୍ୱ ରଖନ୍ତି । ସେମାନେ ଉଦ୍ଭିଦକୁ ତିଷ୍ଠିରହିବାରେ ସହାୟକ ହୁଅନ୍ତି, ଫଳରେ ମଣିଷ ଜାତି ଉଦ୍ଭିତଠାରୁ ଖାଦ୍ୟ ଓ ଅମ୍ଳଜାନ ପାରିପାରିଥାନ୍ତି । ସେହିଭଳି ମାଇକ୍ରୋବ୍ ବା ସୂକ୍ଷ୍ମଜୀବର ମଧ୍ୟ ଯଥେଷ୍ଟ ଗୁରୁତ୍ୱ ରହିଛି । କୋଟି କୋଟି ବର୍ଷ ଧରି ସେମାନେ ପୃଥିବୀକୁ ସାହାଯ୍ୟ କରୁଛନ୍ତି । ପୃଥିବୀରେ କୌଣସି ପ୍ରକାର ବଡ଼ ପରିବର୍ତ୍ତନ ଘଟିଲେ, ସେମାନେ ମଣିଷଠାରୁ ଆଗୁଆ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି । ଫଳରେ ମଣିଷ ଆଗୁଆ ସତର୍କ ହୋଇଥାଏ ।

ମୋହନଥାଲ୍

ଗୁଜରାଟର ଏକ ଲୋକପ୍ରିୟ ରେସିପି ମୋହନଥାଲ । ବେସନ, ଗୁଆଘିଅ, ଚିନି ଏବଂ ବାଦାମରେ ତିଆରି ହୋଇଥାଏ ଏହି ମିଠେଇ । ଏହା ଦେଖିବାକୁ ବରଫି ଭଳି । କେହି କେହି ଏହାକୁ ବେସନ ବରଫି ବୋଲି କହିଥାଆନ୍ତି । ତେବେ ସ୍ୱାଦ ଏବଂ ଆକାର ବରଫିଠାରୁ ଭିନ୍ନ । ରାଜସ୍ଥାନର କେତେକ ଅଞ୍ଚଳରେ ମଧ୍ୟ ମୋହନ ଥାଲ ଏକ ଲୋକପ୍ରିୟ ସ୍ୱିଟ୍ ଡେଜର୍ଟ । ଭୋଜିଭାତ ଅବସରରେ ଏହି ମିଠା ପରିବେଷଣ କରାଯାଇଥାଏ । ଏଥିରେ କ୍ଷୀର ଅଧିକ ମିଶୁଥିବାରୁ ଏହାର ଅଧିକ ଦିନ ପର୍ଯ୍ୟନ୍ତ ତାଜା ଥାଏ । ଖାଇବାକୁ ମଧ୍ୟ ନରମ । ପର୍ବପର୍ବାଣୀ ଅବସରରେ ଏହାକୁ ପ୍ରସ୍ତୁତ

କରାଯାଇଥାଏ । ତେବେ ଦୀପାବଳୀରେ ଘରେ ଘରେ ତିଆରି ହୋଇଥାଏ ମୋହନଥାଲ । ରାଜାରାଜୁଡ଼ା ଅମଳରୁ ଏହି ମିଠା ଗୁଜରାଟ ସମେତ ରାଜସ୍ଥାନର ଘରେ ଘରେ ପରିଚିତ । ବେସନ ଏବଂ ଡ୍ରାଏଫ୍ରୁଟ୍‌ରେ ପ୍ରସ୍ତୁତ ହେଉଥିବା ଏହି ପାରମ୍ପାରିକ ମିଠାରୁ ସ୍ୱାଦ ମଧ୍ୟ ଖୁବ୍ ବଢ଼ିଆ । କୁହାଯାଏ ଭଗବାନ ଶ୍ରୀକୃଷ୍ଣଙ୍କର ଖୁବ୍ ପ୍ରିୟ ଥିଲା ଏହି ମିଠା । ଜନ୍ମାଷ୍ଟମୀ ଅବସରରେ ଏହାକୁ ଭୋଗ ଲଗା ଯାଉଥିବାରୁ ଏହାକୁ ମୋହନଥାଲ କୁହାଯାଏ ବୋଲି ବୟସ୍କମାନେ କୁହନ୍ତି । ଏହାକୁ ତିଆରି କରିବାର ବିଧି ସେତେ ଜଟିଳ ନୁହେଁ । ଇଚ୍ଛା ଓ ଆଗ୍ରହ ଥିଲେ ଏହାକୁ ବଡ଼ ସହଜରେ ଘରେ ତିଆରି କରିପାରିବେ । ତେବେ ଆସନ୍ତୁ ଜାଣିବା ମୋହନଥାଲ ତିଆରି କରିବା ବିଧି ।

ପ୍ରସ୍ତୁତି :

ମୋହନଥାଲ ପ୍ରସ୍ତୁତ କରିବା ପାଇଁ ଅତି ବେଶିରେ ୪୦ରୁ ୪୫ ମିନିଟ ସମୟ ଲାଗିବ । ଯଦି ଆପଣର ୪ ଜଣକ ପାଇଁ ମୋହନଥାଲ ପ୍ରସ୍ତୁତ କରିବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଭାଗମାପ ଉପରେ ଦୃଷ୍ଟି ଦିଅନ୍ତୁ । ଅଧିକ କି କମ୍ ହେଲେ ସେହି ଅନୁସାରେ ଭାଗଭାପ କମ୍ ବେଶି କରିପାରିବେ । ଟିକେ ଦାନାଦାର ବେସନ (ଅତ୍ୟଧିକ ମସୃଣ ହୋଇନଥିବ) ଘିଅ ୩/୪ କପ୍ (ଅଲଗା କରି ଆଉ ଏକ ବଡ଼ ଚାମଚ ମଧ୍ୟ ନେବେ), କ୍ଷୀର ୩ ବଡ଼ ଚାମଚ, ଗୁଜରାତି ଗୁଣ୍ଡ ସାମାନ୍ୟ, ଜାଇଫଳ ଗୁଣ୍ଡ ଚିମୁଟାଏ, ଚି ଦେଢ଼ କପ୍, କେଶନ ଚିମୁଟାଏ, ଆଲମଣ୍ଡ ୧୦ଟା, ପେସ୍ତା ୧୦ଟା । ପ୍ରଥମ ଆଲମଣ୍ଡ ଓ ପେସାକୁ ଗରମ ପାଣିରେ ପକାଇ ଚୋପା ବାହାର କରି ପତଳା ପତଳା ସ୍ଲାଇସରେ କାଟି ଅଲଗା ରଖନ୍ତୁ । ଏହାପରେ ଏକ ନନଷ୍ଟିକ୍ ପ୍ୟାନରେ ୨ ବଡ଼ ଚାମଚ କ୍ଷୀର ଗରମ କରି ସେଥିରେ ଦେଢ଼ ବଡ଼ ଚାମଚ ଘିଅ ମିଶାଇ ଗରମ କରନ୍ତୁ । ଏଥର ଏକ ବୋଲ୍‌ରେ ବେସନ ନେଇ ସେଥିରେ କ୍ଷୀର ଏବଂ ଘିଅର ଏହି ମିଶ୍ରଣ ପକାଇ ହାତରେ ଭଲ କରି ମିଶାନ୍ତୁ । ଯେମିତି ହାତକୁ ଚିକ୍କଣ ଲାଗିବ । ଏହାପରେ ଏହି ମିଶ୍ରଣକୁ ଏକ ଚାଲୁଣି ସାହାଯ୍ୟରେ ହାତରେ ଘଷି ଘଷି ଚଲାଇ ନିଅନ୍ତୁ ଯେମିତି କେଉଁଠି ଗେଟା ରହିବ ନାହିଁ । ଏହାପରେ ଅଧ କପ ପାଣିରେ ଦେଢ଼ କପ ଚିନି ମିଶାଇ ସିରା ପ୍ରସ୍ତୁତ କରନ୍ତୁ । ଏହାପରେ ଏକ ନନଷ୍ଟିକ୍ ପ୍ୟାନରେ ୩/୪ କପ୍ ଘିଅ ଗରମ କରି ସେଥିରେ ଆଗରୁ ଛାଣି ରଖିଥିବା ବେସନ ପକାଇ ଭଲ କରି ମିଶାନ୍ତୁ । ମଧ୍ୟମ ଆଞ୍ଚରେ ବେସନକୁ ଭାଜନ୍ତୁ । ସୁଗନ୍ଧ ଆସିଲେ ଆଞ୍ଚ ପୂରା ଧିମା କରିଦିଅନ୍ତୁ । ଏପଟେ ଦେଖନ୍ତୁ ସିରା ପ୍ରସ୍ତୁତ ହେଲାଣି କି ନାହିଁ । ଅଧିକ ପତଳା କି ଅଧିକ ଗାଢ଼ ସିରା ପ୍ରସ୍ତୁତ କରିବେ ନାହିଁ । ଏଥର ବେସନରେ ଜାଇଫଳ, ଗୁଜୁରାତି ଗୁଣ୍ଡ ଭଲ କରି ମିଶାଇଲା ପରେ ଥଣ୍ଡା ହେବାକୁ ଦିଅନ୍ତୁ । ଚିନି ସିରାରେ ୨ ବଡ଼ ଚାମଚ କ୍ଷୀର ମିଶାନ୍ତୁ । ଏଥର ସେହି ସିରାକୁ ବେସନ ମିଶ୍ରଣରେ ଧୀରେ ଧୀରେ କରି ପକାଇ ଗୋଳାନ୍ତୁ । ଏହାପରେ ଏକ ଆଲୁମିନିୟମ ଟ୍ରେରେ ଟିକେ ଘିଅ କି ରିଫାଇନ ତେଲ ଲଗାଇ ମିଶ୍ରଣଟିକୁ ଢାଳନ୍ତୁ । ଏହା ଉପରେ ଆଗରୁ କାଟି ରଖିଥିବା ବାଦାମ ଏ କେଶର ସଜାନ୍ତୁ ପୂରା ଥଣ୍ଡା ହେଇଗଲା ପରେ କାଟନ୍ତୁ । ଆଉ ପରିବେଷଣ କରନ୍ତୁ ମୋହନଥାଲ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ବିସ୍ମରିଯିବା ଉଚିତ୍ ନୁହେଁ ...

ପଡ଼ୋଶୀ ରାଜ୍ୟ ସହ ସୀମା ବିବାଦର ଯେମିତି ପୂର୍ଣ୍ଣଚ୍ଛେଦ ପଡ଼ିବାର ନାମ ନେଉନାହିଁ । ଭୌଗୋଳିକ ସୀମା ନେଇ ମହାରାଷ୍ଟ୍ର ଓ କର୍ଣ୍ଣାଟକ ବିବାଦ ପୁଣି ତେଜିଲା ଭଳି ଉତ୍ତର-ପୂର୍ବାଞ୍ଚଳରେ ମାମଲା ଜୀବିତ ରହିଛି । କେଉଁଠି ତାହା ଭାଷା ତ' ଆଉ କେଉଁଠି ତାଆ ଅନୁପ୍ରବେଶ ଜନିତ ସଂଘର୍ଷ ରୂପେ ଉଭା ହେଉଛି । ଏଭଳି ଆଞ୍ଚଳିକ ବିବାଦର ସମାଧାନ ପାଇଁ ଯେତେ ପର୍ଯ୍ୟନ୍ତ ତାଳିପକା ବ୍ୟବସ୍ଥା ହେଉଥିବ, ତାହା ପୁଣି ମୁଣ୍ଡ ଟେକିବା ଥୟ । ଦୂରଗାମୀ ତଥା ସ୍ଥାୟୀ ସମାଧାନ ପନ୍ଥା ବାହାରିବା ପର୍ଯ୍ୟନ୍ତ ସମୟାନ୍ତରେ ଯେକୌଣସି ବିବାଦ ନୂଆ ରୂପରେ ଦେଖାଦେଇଥାଏ । ସମସ୍ୟା ଓ ବିବାଦ ସବୁବେଳେ ଥାଏ, ତାହାର ମୂଳୋତ୍ପାଟନ କରାନଗଲେ ଦିନେ ବିଶାଳ ରୂପ ନେବା ଦେଖାଦିଏ । ଏହା ସବୁ କ୍ଷେତ୍ରରେ ସମାନ ସତ୍ୟ । ଏଭଳି ଗୋଟିଏ ବିବାଦ ବଡ଼ଦିନ ପର୍ବ ପାଳନ ସମୟରେ କୋଟିଆ ଗ୍ରାମପୁଞ୍ଜରେ ମୁଣ୍ଡ ଟେକିଥିବା ଦେଖାଯାଇଛି । ବଡ଼ଦିନ ପାଳନ ଅବସରରେ ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ତଥା ସାଲୁର ବିଧାୟକ ପି. ରାଜନ ଦୋରା ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । କୋଟିଆ ଗ୍ରାମପୁଞ୍ଜର ତାଡ଼ିବାଲସାରେ ବଡ଼ଦିନ ବାହାନାରେ ସଦଳବଳ ଉପସ୍ଥିତ ହୋଇ ରାଜନ ଦୋରା ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍ମୋହନ ରେଡ୍ଡିଙ୍କ ଗୁଣକୀର୍ତ୍ତନ କରିଛନ୍ତି । କୋଟିଆ ଭୂମିରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀଙ୍କ ଏତାଦୃଶ କାର୍ଯ୍ୟକୁ ଆମ ରାଜ୍ୟରେ 'ଅନୁପ୍ରବେଶ' ଛଡ଼ା ଆଉ କ'ଣ କୁହାଯିବ ? କୋଟିଆ ଗ୍ରାମପୁଞ୍ଜରେ ପଶି ଆନ୍ଧ୍ର ସରକାର ରାସନ୍ ସାମଗ୍ରୀ ବାଣ୍ଟିବା ଠାରୁ ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ରର ବ୍ୟବସ୍ଥା କରାଇବାରେ କର୍ମଚାରୀମାଙ୍କୁ ନିୟୋଜିତ କରିବାର ଏକାଧିକ ପ୍ରମାଣ ରହିଛି । କେବଳ ସେତିକି ନୁହେଁ, ସ୍ଥାନୀୟ ନିର୍ବାଚନ ସମୟରେ ଆନ୍ଧ୍ର ସରକାରଙ୍କ ତତ୍ପରତା ଦେଖିଶୁଣି ସୁଦ୍ଧା ଓଡ଼ିଶା ସରକାର ଏକରକମର ମୂକ ଦର୍ଶକ ସାଜିଥିବା ଦେଖାଯାଇଛି । ଏକପକ୍ଷରେ କୋଟିଆ ଗ୍ରାମପୁଞ୍ଜରେ ଆନ୍ଧ୍ର ସରକାରଙ୍କ କଥିତ ଅନୁପ୍ରବେଶମୂଳକ କାର୍ଯ୍ୟ ଚାଲିଛି, ଅନ୍ୟପକ୍ଷରେ ତାହାର ସରକାରଙ୍କ କଥିତ ଅନୁପ୍ରବେଶମୂଳକ କାର୍ଯ୍ୟ ଚାଲିଛି, ଅନ୍ୟପକ୍ଷରେ ତାହାର ପ୍ରତିବାଦ କରିବାକୁ ଆମର କ୍ଷୀଣ ସ୍ୱରରେ ପ୍ରତିବାଦ ଆନ୍ଧ୍ର ସରକାରଙ୍କ ପାଖରେ ପହଞ୍ଚି ପାରୁ ନାହିଁ । ସାଲୁର ବିଧାୟକଙ୍କର ଏହିଭଳି କାର୍ଯ୍ୟ ପ୍ରଥମ ନୁହେଁ । ସେ ଏକାଧିକବାର କୋଟିଆର ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିବାର ଦୃଷ୍ଟାନ୍ତ ରହିଛି । ଆମ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସକ ବିବାଦୀୟ କୁହାଯାଉଥିବା କ୍ଷେତ୍ର ପରିଦର୍ଶନ କରିଛନ୍ତି । ଲୁପ୍ତପ୍ରାୟ ଭାଷା ଓ ସଂସ୍କୃତିର ଉଜ୍ଜୀବନ ପାଇଁ ତାଳିପକା କାର୍ଯ୍ୟକ୍ରମ କରୁଥିବାର ମଧ୍ୟ ଦେଖାଯାଉଛି । ଅନ୍ୟପକ୍ଷରେ ପଡ଼ୋଶୀ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟକ୍ରମ କରି ଅଞ୍ଚଳବାସୀଙ୍କର ମନ ଓ ହୃଦୟକୁ ଜିଣୁଛନ୍ତି । ଏହା ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ୍ କଥାବାର୍ତ୍ତା କରିଥିଲେ । ସାକ୍ଷାତ ବୈଠକରୁ ସେମିତି କିଛି ସୁଫଳ ମିଳିଥିବା ଜାଣି ହେଉନାହିଁ । ବରଂ ସୀମାବର୍ତ୍ତୀ ଇଲାକାରେ ଆନ୍ଧ୍ରର ନଖରାମି ଜଳଜଳ ପ୍ରତିଫଳିତ ହେବାରେ ଲାଗିଛି । ପୋଲାଭରମ୍ ପ୍ରକଳ୍ପ ଆମ ରାଜ୍ୟ ପାଇଁ ଏକ ସମସ୍ୟା । କେନ୍ଦ୍ର ସରକାର ଏହାକୁ ଗ୍ରୀନ୍ ପ୍ରୋଜେକ୍ଟ ଘୋଷଣା କରିବା ପରେ ତାହାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଉଦ୍‌ବୃତ୍ତ ଜଳରେ ମାଲକାନଗିରିର କାଲିମେଳା ଓ ଅନ୍ୟ ଇଲାକାର ବିସ୍ତୀର୍ଣ୍ଣ କ୍ଷେତ୍ର କିଭଳି ପ୍ଲାବିତ ହୋଇଗଲା, ତାହା ରାଜ୍ୟବାସୀ ଦେଖିଛନ୍ତି । ପଡ଼ୋଶୀ ରାଜ୍ୟର ହାକିମାତିକୁ କିଭଳି ବରଦାସ୍ତ କରାଯାଉଛି, ତାହା ସମସ୍ତେ ପ୍ରତ୍ୟକ୍ଷ କରୁଛନ୍ତି । ତେଣେ ତେଲଙ୍ଗାନା ସରକାରଙ୍କ ପ୍ରତିବାଦର ମଧ୍ୟ କିଛି ମୂଲ୍ୟ ରହୁନଥିବା ଭିତରେ ମାମଲା ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଯାଇଛି । ରାଜ୍ୟସୀମା ବାହାରେ ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଭାଷା ସଂସ୍କୃତି ଉପରେ ଅବାଞ୍ଛିତ ହସ୍ତକ୍ଷେପ କ୍ରମାଗତ ଚାଲିଛି । ଭାଷା ଜନନୀ ବିଚ୍ଛିନ୍ନାଞ୍ଚଳରେ ବିକୃତି ଓ ଅପଭ୍ରଂଶର ଶିକାର ହେଉଛି, ଆମେ ତାହାକୁ ଉଦାର ଚିତ୍ତରେ ଗ୍ରହଣ କରିନେଉଛୁ । ପ୍ରତିବାଦ ଓ ଆପତ୍ତିର କିଛି ସୁଦ୍ଧା ମୂଲ୍ୟ ରହୁନାହିଁ । ଭୌଗୋଳିକ ସୀମା ବାହାରେ ଭାଷା-ସଂସ୍କୃତିର ବିକୃତୀକରଣ ବିରୋଧରେ ସ୍ୱର ଉଠାଯିବାର ସମୟ ଆସିଛି । ବିବିଧତା ଭିତରେ ଏକତା ନାମରେ ଆମକୁ ଅନ୍ତତଃପକ୍ଷେ ଅନୁପ୍ରବେଶର ପ୍ରତିରୋଧ କରିବାକୁ ହେବ । ରାଷ୍ଟ୍ର ସ୍ତରରେ ବିଭିନ୍ନ ରାଜ୍ୟରେ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ସହିତ ଜାତୀୟ ସଂହତିକୁ ବିପନ୍ନ ହେବାକୁ ନଦେବା ସମସ୍ତତ ଦେଶପ୍ରେମୀ ନାଗରିକଙ୍କର କର୍ତ୍ତବ୍ୟ ହେବା ଉଚିତ୍ । ଏହି କର୍ତ୍ତବ୍ୟକୁ କେହି ବିସ୍ମରିଯିବା ଉଚିତ୍ ନୁହେଁ । ଜାତିଭେଦ ଭଳି ଆମକୁ ଅବାଞ୍ଛିତ ସୀମାବିବାଦ ଗ୍ରାସ କରିବା ଆଦୌ ସ୍ପୃହଣୀୟ ନୁହେଁ ।

ଚେଇଁବାର ସମୟ

ବୈଷ୍ଣବ ମେହେର

ସମୟର ପ୍ରବାହକୁ ଧରି ରଖିବାର ଶକ୍ତି କାହାରି ନାହିଁ । ଦାର୍ଶନିକ ଜିଡୁ କୃଷ୍ଣମୂର୍ତ୍ତିଙ୍କ ଭାଷାରେ 'ସମୟ ଏମିତି ଏକ ପ୍ରବାହ, ଯେଉଁଠି ଭବିଷ୍ୟତ ଓ ବର୍ତ୍ତମାନ ବୋଲି କିଛି ନାହିଁ। ବାସ୍ତବରେ ସବୁ କିଛି ଅତୀତ । କାରଣ ଯେଉଁ କ୍ଷଣି ଭବିଷ୍ୟତ ବର୍ତ୍ତମାନରେ ପରିଣତ ହୁଏ, ସେହି ମୁହୂର୍ତ୍ତରେ ବର୍ତ୍ତମାନ ବି ଅତୀତ ହୋଇଯାଏ' । ତେଣୁ ନୂଆଁବର୍ଷ ୨୦୨୩ ଧରାପୃଷ୍ଠକୁ ପାଦ ଦେଉଦେଉ ସେହି କ୍ଷଣରୁ ହିଁ ୨୦୨୨ ଅତିତ ହୋଇଯିବ । ମଣିଷ ଏମିତି ଏକ ଜୀବ ଯିଏ ନିଜ ସୁବିଧା ଅନୁଯାୟୀ ସମୟକୁ ବର୍ଷ, ମାସ, ପକ୍ଷ, ସପ୍ତାହ, ଦିନ ଆଦିରେ ବିଭକ୍ତ କରିଦେଇଛି । ସେହି ପ୍ରକ୍ରିୟାରେ ବିଶ୍ୱ ପୁଣି ଗୋଟିଏ ବର୍ଷର ଶେଷ ସୀମାରେ ପହଂଚି ଯାଇଛି । ଗୋଟିଏ ବର୍ଷର ଜୀବନ କାଳଖଣ୍ଡ ମଧ୍ୟରେ ଜଣେ କେମିତିକା ଜୀବନ ନିର୍ବାହ କରିଛି, ଆଜି ବର୍ଷ ଶେଷରେ ସେସବୁର ସମୀକ୍ଷା କରିବା ଦ୍ୱାରା ପ୍ରତ୍ୟେକ ମଣିଷ ଯେ କେବଳ ମାର୍ଜିତ ହୋଇ ପାରିବ ତା'ହା ନୁହେଁ ବରଂ ଆଗାମୀ ସମୟ ଖଣ୍ଡକୁ ଅଧିକ ପରିମାର୍ଜିତ କରିବାରେ ମଧ୍ୟ ସଫଳ ହୋଇପାରିବ ।

ସମୟର ନିରବଚ୍ଛିନ୍ନ ପ୍ରବାହ ସହ ମଣିଷର ଅନ୍ତ ଅନିବାର୍ଯ୍ୟ ବୋଲି ଜାଣି ସୁଦ୍ଧା ସାମାନ୍ୟ ଭୌତିକ ସୁଖ ପାଇଁ ମଣିଷ ଏତେ ବ୍ୟସ୍ତ ବିବ୍ରତ ହେଉଛି ଯେ ନିଜ ଜୀବନର ଅସ୍ତିତ୍ୱକୁ ଶେଷ ଯାଏଁ ବୁଝିବାକୁ ସେ ସକ୍ଷମ ହୋଇ ପାରୁନାହିଁ । ବାତ୍ୟା, ମହାବାତ୍ୟା, ମରୁଡ଼ି, ବନ୍ୟା, ଭୂକମ୍ପ, ତୁଷାରଝଡ଼ ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରିଆସୁଥିବା ମଣିଷ ନିଜ ଜୀବନରେ ଏଡ୍ସ, କ୍ୟାନସର, ଟ୍ୟୁମର, ହାର୍ଟଷ୍ଟୋକ୍ ଭଳି ଅନେକ ମାରାତ୍ମକ ରୋଗ ସହ ଅନେକ ମର୍ମାନ୍ତକ ଅଘଟଣରେ ମର୍ମାହତ ହୋଇଛି ସିନା ଏନେଇ କେବେ ନିଜକୁ ଜାଗ୍ରତ କଲା ଭଳି ପ୍ରତିୟମାନ ନ ହେବା ଦୁଃଖଦାୟକ। ହଁ, ଏହା ସ୍ୱୀକାର କରିବାକୁ ହେବ ଯେ, ନିଜ ଆତ୍ମୀୟଙ୍କ ଅକାଳ ପରଲୋକରେ କଷ୍ଟେମଷ୍ଟେ ସମୟ ବାହାର କରି ଶ୍ମଶାନ ଯାଉଥିବା ବେଳେ ସେଠାରେ ବିତେଇଥିବା କିଛି କ୍ଷଣରେ ସେ ଅବଶ୍ୟ ଚିନ୍ତା କରିଛି ଯେ ମଣିଷ ଜୀବନ କ୍ଷଣିକ ମାତ୍ର । କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଶ୍ମଶାନରୁ ଫେରିଲା ମାତ୍ରେ ହିଁ ଜୀବନର ଏହି ବାସ୍ତବତାକୁ ସଂପୂର୍ଣ୍ଣ ଅଣଦେଖା କରି ପୁଣି ହଜି ଯାଇଛି ନିଜର ବ୍ୟସ୍ତତା ଭିତରେ । ଗତ ପ୍ରାୟ ତିନିବର୍ଷ ତଳୁ ମହାମାରୀ କରୋନା ସମଗ୍ର ମଣିଷ ସତ୍ତାକୁ ସ୍ତମ୍ଭିଭୂତ କରି ଦେଇଥିଲେ ହେଁ ମଣିଷ ଏଥିରୁ ମଧ୍ୟ କିଛି ଶିକ୍ଷାଲାଭ କଲାଭଳି ପରିଲିକ୍ଷିତ ନହେବା କ'ଣ ଆଶ୍ଚର୍ଯ୍ୟଜନକ ନୁହେଁ କି ! ତମାମ ବର୍ଷ ବିଭିନ୍ନ ଆଳରେ ଆମେ ଜୀବନକୁ ଉପଭୋଗ କରିବାରେ ମାତିଥିଲୁ । ବିବାହ, ବ୍ରତ, ଜନ୍ମୋତ୍ସବ, ପର୍ବପର୍ବାଣୀ ଆଦି ମାଧ୍ୟମରେ ଭୋଜିଭାତ, ନାଚଗୀତର କୌଣସି ସୁଯୋଗକୁ କେବେ ହାତଛଡ଼ା କରିନାହୁଁ । ଆଜି ସେହି ନିର୍ଦ୍ଦିଷ୍ଟ ସମୟ ଧାରର ଅନ୍ତିମ କ୍ଷଣକୁ ମଧ୍ୟ ମଦମାଂସ, ଅଶ୍ଳିଳ ନାଚଗୀତର ଆଡ଼ମ୍ବରପୂର୍ଣ୍ଣ ଆସୁରିକ ଢଙ୍ଗରେ ଉପଭୋଗ୍ୟର ସମୟ ଭାବରେ ଅତିବାହିତ କରିବା ଦ୍ୱାରା ମଣିଷ ସମାଜର ଯେଉଁ ଅପୂରଣୀୟ କ୍ଷତି ସାଧିତ ହେଉଛି ତାହାକୁ ବିଚାରକୁ ନେବା ଅତ୍ୟନ୍ତ ଜରୁରି । ନୂଆବର୍ଷର ପ୍ରକୃତ ଉଦ୍ଦେଶ୍ୟ ବିଷୟରେ ଅବଗତ ନ ହୋଇ କେହି କେବେ ଏହାର ନୂତନତାକୁ ଆଦୌ ଅନୁଭବ କରିପାରିବ ନାହିଁ । ଜି.କେ. ଚେଷ୍ଟରଟନ୍‌ଙ୍କ ମତରେ ନୂଆଁବର୍ଷ କେବଳ ପାରମ୍ପରିକ ଭାବରେ ମଣିଷ ପାଳନ କରିଆସୁଥିବା ସାମାନ୍ୟ ନୂତନବର୍ଷ ନୁହେଁ । ଏହାର ଅନୁଭବ ପାଇଁ ଦରକାର ଆମର ଏକ ନୂତନ ଆତ୍ମା, ନୂତନ ପାଦ, ନୂତନ କାନ, ନୂତନ ନାକ, ନୂତନ ଚକ୍ଷୁ ସର୍ବୋପରି ଏକ ନୂତନ ମେରୁଦଣ୍ଡ କ୍ଷ ନୂଆଁବର୍ଷର ଆଗମନର ଉଲ୍ଲାସରେ ମଜ୍ଜି ନଯାଇ ଏକ ନୂତନ ମନ, ହୃଦୟ ଓ ବଳିଷ୍ଠ ମେରୁଦଣ୍ଡ ନେଇ ଆଗାମୀ ବର୍ଷର ସମସ୍ତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପୁରୁଣା ବର୍ଷର ଏହି ଅନ୍ତିମ ଦିନରେ ପ୍ରସ୍ତୁତ ହେବାର ଏହା ହିଁ ସର୍ବକୃଷ୍ଟ ସୁଯୋଗ ଭାବରେ ସମସ୍ତଙ୍କୁ ଗ୍ରହଣ କରିବାକୁ ହେବ ।

ସମାଜରେ ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ କେବଳ ଅନ୍ୟର ପରିବର୍ତ୍ତନ ଚାହାନ୍ତି ଅଥଚ ସ୍ୱୟଂ ନିଜେ ବଦଳିବା କଥା କେବେ ଚିନ୍ତା କରନ୍ତି ନାହିଁ । ନିଜେ ଠିକ୍ ଓ ଅନ୍ୟମାନେ ଭୁଲ ବୋଲି ଯେଉଁ ସମାଜରେ ସିଂହ ଭାଗ ଲୋକଙ୍କ ଧାରଣା ବଳବତ୍ତର ଥିବ ସେହି ସମାଜର ଅବସ୍ଥା କ'ଣ ହେବ ତାହା ସହଜେ ଅନୁମେୟ । ଏକ ଧାର୍ମିକ ସଂଗଠନର ନାରା ଅନୁଯାୟୀ, 'ଆମେ ବଦଳିଲେ ହିଁ ଯୁଗ ବଦଳିବ' । ଏହା ଏକାନ୍ତ ସତ୍ୟ, ହେଲେ ସେମାନଙ୍କ ମଧ୍ୟରୁ କେତେ ଜଣ ନିଜେ ନିଜକୁ ବଦଳାଇବାର ପ୍ରୟାସ କରିଛନ୍ତି, ସେହି ପ୍ରଶ୍ନ ନିଜକୁ ପଚାରିବାର ଏହା ହିଁ ପ୍ରକୃଷ୍ଟ ସମୟ । ମଣିଷର ଉଚ୍ଚାରଣ ଓ ଆଚରଣରେ ବିରାଟ ଅସମାନତା ହିଁ ଆଜିକାର ସମାଜର ସବୁଠାରୁ ବଡ଼ ବିଡ଼ମ୍ବନା । ଉତ୍ତମ ମଣିଷ କେବେ ଅନ୍ୟକୁ ବଦଳିବାକୁ କହେ ନାହିଁ ବରଂ ନିଜ ଆଦର୍ଶ କାର୍ଯ୍ୟ ଶୈଳୀରେ ଅନ୍ୟ ମାନଙ୍କୁ ପ୍ରଭାବିତ କରି ଚାଲେ ।

ନୂଆଁବର୍ଷ ଆସେ ସିନା, ଆପେଆପେ କିଛି ବି ନୂଆଁ ହୁଏ ନାହିଁ। ବରଂ ପୁରୁଣା ପାଠର ଆଲୋଚନା ଭଳି ପୂର୍ବ ଘଟଣା ଗୁଡ଼ିକର ହିଁ ପୁନରାବୃତ୍ତି ଘଟିଚାଲେ । ତେଣୁ ଅନେକ ନୂଆଁ ଆଶା ଓ ସ୍ୱପ୍ନ ବାନ୍ଧି ଆସନ୍ନ ନୂଆଁବର୍ଷକୁ ସ୍ୱାଗତ ଅପେକ୍ଷାରେ ଥିବା ଆମେ ପ୍ରଥମେ ନିଜକୁ ଧୋଇ ମାଜି ନିଜ ଭିତରେ ନୂତନ ପ୍ରାଣଶକ୍ତିର ସଂଚାର କରିବାର ଏହା ହିଁ ଶୁଭ ଅବସର । ଏଥିପାଇଁ ଯେଉଁ ଆତ୍ମ ସମୀକ୍ଷା, ଆତ୍ମ ତର୍ଜମା କିମ୍ବା ମାନସ ମନ୍ଥନର ଆବଶ୍ୟକତା ରହିଛି ତାକୁ ଯଦି ଉଚିତ ମାର୍ଗରେ ବର୍ଷର ଶେଷ ସମୟରେ ସଂପାଦନ କରି ନପାରିବା ତେବେ ଆଗାମୀ ନୂଆଁବର୍ଷ ପାଇଁ ଦେଖିଥିବା ନୂଆଁ ସ୍ୱପ୍ନ ସବୁ ସ୍ୱପ୍ନରେ ରହିଯିବା ହିଁ ସାର ହେବ ।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

ବିଦାୟୀ ବର୍ଷର କିଛି ତିକ୍ତ ମଧୁର ସ୍ମୃତି

ଡକ୍ଟର ଲକ୍ଷ୍ମଣ ସାହୁ

ବିଗତ ବର୍ଷଗୁଡିକର କ୍ୟାଲେଣ୍ଡର ବଦଳି ଯାଇଥିଲେ ବି ଯେମିତି ସମାଜ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ସେମିତି ସମସ୍ୟାର ବଳୟ ଭିତରେ ମଣିଷ ଅଣନିଃଶ୍ୱାସୀ ହୋଇ ପଡୁଛି । ଜଣାପଡୁଛି ଯେ ହିଂସା କେବଳ ଭୟ, ଅସତ୍ୟ ଏବଂ ଆକ୍ରୋଶର ପ୍ରାଧାନ୍ୟ ଦେଇନାହିଁ, ବରଂ ନିଜର ବୈଧତା ହାସଲ କରୁଛି । ଏହା ସତ୍ତ୍ୱେ ଚମତ୍କାର ଢଙ୍ଗରେ, ଦ୍ରୁତ ଗତିରେ କାୟା ବିସ୍ତାର କରିଛି । ବିଗତ ଦିନଗୁଡ଼ିକୁ ଅନୁଶୀଳନ କଲେ ଉଭୟ ସମାଜ ତଥା ପ୍ରଶାସନ ସ୍ତରରେ ଏସବୁ ଅଧିକ ମାତ୍ରାରେ ଦେଖାଯାଉଛି । ମହାତ୍ମା ଗାନ୍ଧୀ ହିଂସା, ମିଥ୍ୟା, ଅନ୍ୟାୟ, ଦୁର୍ନୀତି, ଅସତ୍ୟ, ଅନିଚ୍ଛା, ଜାତି ଭେଦ ଆଦି ବାରଣକୁ ଶତ୍ରୁତା ଭାବରେ ବ୍ୟାଖ୍ୟା କରିଛନ୍ତି । ଏସବୁ କିଛି ହିଂସା ରୂପରେ ଧରାଯାଇଥିଲା । ବିଶ୍ୱ ପାଇଁ ଯାହା ଆବଶ୍ୟକ ତାହା ମୌଳିକ ଅଧିକାର ଯୁକ୍ତ କରିବା ପାଇଁ ପ୍ରସ୍ତୁତ ଚାଲିଥିବା ବେଳେ ହିଂସାକାଣ୍ଡକୁ ତଥାକଥିତ କେତେକ ବ୍ୟକ୍ତି ଗ୍ରହଣ କରନ୍ତି, ଯାହା ସାମାଜିକ କ୍ଷେତ୍ରରେ ବିଡ଼ମ୍ବନା । ଆଜି ଏପରି ଅନେକ ଉଦାହରଣ ଅଛି, ଯାହାକୁ ଏହି ପ୍ରସଙ୍ଗରେ ଆଲୋଚନା କରାଯାଇପାରେ ।

ସମାଜରେ ସମୟର ସ୍ରୋତରେ ମୁଖଗତ, ଶାରୀରିକ ଓ ଭାବପ୍ରବଣତାରେ ଅନେକ ପ୍ରକାରର ହିଂସା ସୃଷ୍ଟି ହୋଇଛି । ହିଂସା, ଶକ୍ତି, କ୍ଷମତା ଏବଂ ଅର୍ଥର ଗର୍ବରେ ମଣିଷ ସବୁଠାରୁ ହିମାଳୟର ଶୀର୍ଷରେ ଠିଆ ହୋଇଛି । ଫଳତଃ ହିଂସା, ବେକାରୀ, ଦାରିଦ୍ର୍ୟ, କ୍ରମାଗତ ଅତ୍ୟାଚାର ଓ ନିରାଶାରୁ ଉତ୍ପନ୍ନ ହିଂସା ସମାଜକୁ ତଳିତଳାନ୍ତ କରୁଛି । ଅନେକ ସମୟରେ ପୋଲିସର ଆଚରଣ ବିରୁଦ୍ଧରେ ସାଧାରଣ ନାଗରିକ ମାନଙ୍କ କ୍ଷେତ୍ରରେ ହିଂସା, କ୍ରୋଧ ଦେଖିବାକୁ ମିଳେ । ହିଂସା ଉପୁଜିଥିବା କାରଣ ଗୁଡିକ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ହେଉ କି ବିଚ୍ଛିନ୍ନତା କାରଣରୁ ହିଂସାର ଉତ୍ପତ୍ତି ଘଟିଥାଏ । ଏସବୁ ଅଧିକାଂଶ ପାରିବାରିକ ସମ୍ପତ୍ତି ପାଇଁ ହିଂସା ଘଟେ ବା ପରିବାରରେ କାହାର ପ୍ରାଧାନ୍ୟ ଇତ୍ୟାଦି ମଧ୍ୟ ଏହାର ରୂପ ଓ କାରଣ ହୋଇପାରେ । ଗୋଟିଏ ପରିବାର ମଧ୍ୟରେ ଥାଇ ମଧ୍ୟ ଭାଡ଼ୁ ବିବାଦ ଘଟେ । ଏକଥା ଭୁଲି ଯାଉଛେ ଯେ, ଜିନିଷ ଯେତେ ବି ମୂଲ୍ୟବାନ ହେଉ ପରେ ତାର ବିକଳ୍ପରେ ଆଉ କିଛି ମିଳି ଯାଇ ପାରେ, କିନ୍ତୁ ମଣିଷ ଥରେ ନିଜର ଲୋକଙ୍କୁ ଆଉ ନିଜକୁ ହଜେଇ ଦେଲେ ହୁଏତ ତା' ବାବଦରେ ଯୋଉ କ୍ଷତିଟା ହୁଏ ସେ କେବଳ କ୍ଷତି... ଯାହା କେବେ ଭରଣ କରିହେବ ନାହିଁ ।

ସେଭଳି କେତେକ ଅନୁଷ୍ଠାନର ଅନୈତିକ କାର୍ଯ୍ୟକଳାପ, ଅନୋପଚାରିକ ନୀତି ଫଳରେ ଅନୁଷ୍ଠାନଗୁଡ଼ିକୁ ଭାଙ୍ଗି ଦେଇଛି କିମ୍ବା ସେସବୁକୁ ପତନର ସୀମାକୁ ନଆଣିଛି କେବେ କହି ହେବ ନାହିଁ । କେବଳ ଏତିକି ନୁହେଁ, ରାଜନୈତିକ, ପ୍ରଶାସନିକ କ୍ଷମତା ଏବଂ ଅର୍ଥ ବଳ, ବାହୁବଳ ବ୍ୟବହାର କରି ମିଥ୍ୟା ମାମଲା ଦାଖଲ କରିବା ମଧ୍ୟ ଏକ ପ୍ରକାର ହିଂସା । ଏଭଳି ଅପପ୍ରୟୋଗବାଦୀ ହିଂସା ସମାଜକୁ ପ୍ରତିଶୋଧ ଆଡ଼କୁ ଠେଲିଦିଏ । ଏହା ମଧ୍ୟ ଏକ ସତ୍ୟ ଯେ ଦୁର୍ନୀତି ସର୍ବଦା ହିଂସା ରୂପ ଧାରଣ କରି ଆସୁଛି । ବ୍ୟକ୍ତିଗତ ସଂପର୍କରେ ସନ୍ଦେହ ଆଧାରରେ ଛୋଟ ଛୋଟ ଜିନିଷ ଉପରେ ଜୀବନ ନେବା, ପିଟିବା ଏବଂ ହତ୍ୟା ଭଳି ଘଟଣା ବର୍ତ୍ତମାନ ଉତ୍କଟ ରୂପ ନେଉଛି, ଯାହା ଦେହସୁହା ସାଧାରଣରେ ପରିଣତ ହୋଇଛି । ତେଣୁ ଯେ କୌଣସି ପ୍ରକାରର ହିଂସା, ସମାଜର ବିକାଶ ଏବଂ ପ୍ରଗତିରେ ବାଧା ସୃଷ୍ଟି କରେ ।

ଗଣତନ୍ତ୍ରର ସମୃଦ୍ଧତା, ମାନବର ବିକାଶ, ସାମଜିକ ସମାନତା ଇତ୍ୟାଦି ବିଶ୍ୱର ସୂଚକାଙ୍କରେ ଆଜି ଦେଶ ଏକ ନିମ୍ନ ସ୍ତରରେ ରହିଛି ବୋଲି କହିବା ଭୁଲ ହେବ ନାହିଁ । ସାଂପ୍ରତିକ ସମୟରେ ଯେଉଁ ପ୍ରକାର ହିଂସାତ୍ମକ ଘଟଣା ଦେଖାଦେଇଛି, ତାହା ଅଧିକ ଗମ୍ଭୀର । ସେ ସବୁ ବିଦାୟ ବର୍ଷର ଉଦାହରଣ ଦେବା ମନେ କରୁନାହିଁ । କାରଣ ଘରେ ଆତ୍ମୀୟ ମାନଙ୍କ ଦ୍ୱାରା, ବାହାରେ ଅସାମାଜିକ ବିକୃତ ମାନସିକତାର ବ୍ୟକ୍ତି ଦ୍ୱାରା ବା ସଭ୍ୟ ବୋଲାଉଥିବା ତଥାକଥିତ ଦୁର୍ନୀତି ଖୋର ଉଚ୍ଚ ପଦସ୍ଥ ବାବୁ ବା ରାଜନୈତିକ ନେତାଙ୍କ କାମନାର ଚରିତାର୍ଥ ପାଇଁ ଦେଶରେ ଅହର୍ନିଶି ବଳାତ୍କାର ଭଳି ସମ୍ବେଦନଶୀଳ ଘଟଣାମାନ ବଢୁଛି, ଯାହାକୁ କେବେ ଅସ୍ୱୀକାର କରାଯାଇ ପାରେନାହିଁ । ଏହା ଦ୍ୱାରା ମହିଳାମାନଙ୍କର ସମ୍ମାନ କେବଳ ନୁହେଁ ଦେଶର ସମ୍ମାନ ନଷ୍ଟ ହେଉଛି । ଦେଶରେ ନିର୍ବାଚନ ହିଂସା ପ୍ରତିହତ କରିବା ସମ୍ଭବ ହେଉନାହିଁ । ନିର୍ବାଚନରେ ହେଉଥିବା ହିଂସା, ଗଣତନ୍ତ୍ର ଆଇନ ଶୃଙ୍ଖଳା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି । ଏକ ଆଧ୍ୟାତ୍ମିକ ଓ ଶାନ୍ତି ପ୍ରେମୀ ସମାଜକୁ ଶିଖ ସମାଜରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ଆତଙ୍କବାଦ ବିଷୟରେ କହିବାକୁ ଗଲେ ଆଜି ଏହି ସମସ୍ୟା ବିଶ୍ୱବ୍ୟାପୀ ହିଂସା କାରଣରୁ ସୃଷ୍ଟି ହୋ

ଧ୍ୱନି ପ୍ରତିଧ୍ୱନି
୫
ବାଲେଶ୍ୱର,
ବୁଧବାର, ୨୮ ଡିସେମ୍ବର, ୨୦୨୧

ଅମୃତଭଣ୍ଡା ମଞ୍ଜି ଖାଇଲେ ମିଳିଥାଏ ଅନେକ ରୋଗରୁ ମୁକ୍ତି: ଜାଣନ୍ତୁ କେଉଁ ରୋଗକୁ ଏଡ଼ାଇ ପାରିବେ

ଅମୃତଭଣ୍ଡା ଏପରି ଏକ ଫଳ ଯାହା ଉଭୟ ଶୀତ ଏବଂ ଗରମ ଦିନେ ଖିଆଯାଏ । ଏହା ସ୍ୱାଦରେ ଚମତ୍କାର ହେବା ସହିତ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଭଲ ହୋଇଥାଏ । ଏହା ଖାଇବା କେବଳ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ କିନ୍ତୁ ଏହାର ମଞ୍ଜି ଅନେକ ରୋଗରେ ମଧ୍ୟ ଲାଭଦାୟକ ପ୍ରମାଣିତ ହୁଏ । ତେବେ ଅମୃତଭଣ୍ଡା ମଞ୍ଜି ଆମ ଶରୀର ଉପରେ କେଉଁ ପ୍ରକାର ପ୍ରଭାବ ପକାଇଥାଏ ତାହା ଜାଣି ରଖନ୍ତୁ । ଅଧିକାଂଶ ଫଳର ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଭଲ ହୋଇନଥାଏ କିନ୍ତୁ ଅମୃତଭଣ୍ଡା ମଞ୍ଜି ଅନ୍ୟ ଫଳର ମଞ୍ଜି ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହି ମଞ୍ଜି ଚର୍ବି ତରଳାଇବାରେ ଭଲ କାମ କରିଥାଏ । କାରଣ ଏଥିରେ ବହୁତ ଫାଇବର ରହିଥାଏ, ଯାହା ଚର୍ବି କମ କରିବା ପାଇଁ କାମ କରେ । ଅମୃତଭଣ୍ଡା ମଞ୍ଜି ମଧ୍ୟ ପିରିୟଡ ଯନ୍ତ୍ରଣାରେ ଆରାମ ଦେଇଥାଏ । ଏହା ପେଟ କଷ୍ଟକୁ ହ୍ରାସ କରିଥାଏ । ଏହି ମଞ୍ଜି କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ କାର୍ଯ୍ୟ କରିଥାଏ । ଏଥିରେ ମୋନୋ ସାଚୁରେଟେଡ୍ ଫ୍ୟାଟି ଏସିଡ୍ ଥାଏ । ଏହା ମଧ୍ୟ ଅନ୍ତନଳୀକୁ ସୁସ୍ଥ ରଖିବା ପାଇଁ କାର୍ଯ୍ୟ କରିଥାଏ । ଏଥିରେ ପ୍ରୋଟୋଲାଇଟିକ୍ ଏନଜାଇମ୍ ରହିଥାଏ । ଏହାର ମଞ୍ଜି ଥଣ୍ଡା ଏବଂ ଜ୍ୱରରେ ଆରାମ ଯୋଗାଇବା ପାଇଁ ମଧ୍ୟ କାମ କରେ । ଏହାକୁ ଖାଇବା ଦ୍ୱାରା ପୁରୁଣା ରୋଗରୁ ମୁକ୍ତି ମିଳିଥାଏ । ଏହା ହୃଦୟ ପାଇଁ ମଧ୍ୟ ବହୁତ ଭଲ ବୋଲି କୁହାଯାଏ । ଏହାର ଫାଇବର ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ କାମ କରିଥାଏ ।

୩୦ ବର୍ଷ ପରେ ଶନିଙ୍କ ଚଳନରେ ହେବ ମହାପରିବର୍ତ୍ତନ: ଏହିସବୁ ରାଶିମାନଙ୍କ ଉପରେ ପଡିବ ପ୍ରଭାବ, ଜାଣନ୍ତୁ ଆପଣଙ୍କ ଭାଗ୍ୟ

ହିନ୍ଦୁ ଧର୍ମରେ ପ୍ରତ୍ୟେକ ଶାସ୍ତ୍ର ପୁରାଣର ବିଶେଷ ମହତ୍ତ୍ୱ ଏବଂ ଗୁରୁତ୍ୱ ରହିଛି । ଫଳରେ ବିଶାରଦମାନେ ଏହିସବୁ ଶାସ୍ତ୍ର ସାହାଯ୍ୟରେ ଅନେକ କିଛି କଥା ଜାଣି ପାରନ୍ତି । ତେବେ ହିନ୍ଦୁ ଧର୍ମରେ ଥିବା ଶାସ୍ତ୍ର ପୁରାମମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ଜ୍ୟୋତିଷ ଶାସ୍ତ୍ର । ଯାହା ମାଧ୍ୟମରେ ଜ୍ୟୋତିଷ ବିଶାରଦମାନେ ଗ୍ରହ ନକ୍ଷତ୍ରଙ୍କ ଚଳନ ଠାରୁ ଆରମ୍ଭ କରି ବ୍ୟକ୍ତିର ଭାଗ୍ୟ ଭବିଷ୍ୟ ବିଷୟରେ ମଧ୍ୟ ଅନେକ କିଛି ଜାଣିପାରନ୍ତି । ତେବେ ଆଉ ୪ ଦିନ ପରେ ନୂତନ ବର୍ଷ ଆରମ୍ଭ ହେବାକୁ ଯାଉଛି । ସେହି ବର୍ଷରେ କେଉଁ ଗ୍ରହ କେବେ ସେମାନଙ୍କ ରାଶି ଓ ଗତି ପରିବର୍ତ୍ତନ କରିବେ ଏବଂ ଏହା ସମସ୍ତ ରାଶି ଉପରେ କିପରି ପ୍ରଭାବ ପକାଇବା ତାହା ଶାସ୍ତ୍ରରେ ଉଲ୍ଲେଖ ଅଛି । ତେଣୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଆସନ୍ତା ବର୍ଷ ଜାନୁଆରୀ ୧୭ ତାରିଖରେ ନ୍ୟାୟର ଦେବତା ଶନିଙ୍କ ଚଳନରେ ମହାପରିବର୍ତ୍ତନ ହେବାକୁ ଯାଉଛି । ଯାହାକି ଦୀର୍ଘ ୩୦ ବର୍ଷ ପରେ ଦେଖିବାକୁ ମିଳିବ । ତେବେ ଶନିଙ୍କ ଏହି ପରିବର୍ତ୍ତନ ମୋଟ ୧୨ ଟି ରାଶି ଉପରେ ପ୍ରଭାବ ପକାଇବ । କିନ୍ତୁ ଖାସ କରି ଏହା ୫ଟି ରାଶି ଉପରେ ଅଧିକ ପ୍ରଭାବ ପକାଇବ ।

ମେଷ: ଜ୍ୟୋତିଷ ଶାସ୍ତ୍ର ଅନୁସାରେ ୨୦୨୩ ମସିହାରେ ଏହାକୁ ଥିବା ଶନିଙ୍କ ରାଶି ପରିବର୍ତ୍ତନ ମେଷ ରାଶିର ବ୍ୟକ୍ତିମାନଙ୍କୁ ଅନେକ ଶୁଭ ଫଳ ପ୍ରଦାନ କରିବ । ଫଳରେ ଏହି ରାଶିର ବ୍ୟକ୍ତିମାନେ ସେମାନଙ୍କ କାର୍ଯ୍ୟରେ ସଫଳତା ପାଇବା ସହ ଆୟ ବୃଦ୍ଧି ହେବାର ସମ୍ଭାବନା ରହିଛି । ବେପାରିମାନେ ବର୍ତ୍ତମାନ ପ ର୍ଯ୍ୟନ୍ତ, ଯେଉଁ ଯୋଜନା ପ୍ରସ୍ତୁତ କରିଥିଲେ, ତାହା ଉପରେ କାର୍ଯ୍ୟ କରିବା ପାଇଁ ଏହି ସମୟ ଫଳପ୍ରଦ ହେବ ।

ବୃଷ: ଶନିଙ୍କ ଚଳନରେ ପରିବର୍ତ୍ତନ ବୃଷ ରାଶିର ଅନେକ ସମସ୍ୟାର ସମାଧାନ କରିବ । ଏଥିସହିତ ସେମାନଙ୍କ କାର୍ଯ୍ୟରେ ଆସୁଥିବା ବାଧାବିଘ୍ନକୁ ଦୂର କରିବା ସହ ସଫଳତା ପ୍ରଦାନ କରିବ । ସେହିପରି

କ୍ୟାରିୟରରେ ସଫଳତା ମିଳିବା ସହ ଧନପ୍ରାପ୍ତିର ଯୋଗ ମଧ୍ୟ ରହିଛି । ଫଳରେ ଏହି ରାଶିର ବ୍ୟକ୍ତିମାନଙ୍କ ପାଇଁ ୨୦୨୩ ଆରମ୍ଭ ଅନେକ ଶୁଭ ଫଳ ପ୍ରଦାନ କରିବ ।

ମିଥୁନ: ୨୦୨୩ ମସିହାରେ ଶନିଙ୍କ ଚଳନରେ ହେବାକୁ ଥିବା ପରିବର୍ତ୍ତନ ଶନିଙ୍କ କୁପ୍ରଭାବକୁ ଦୂର କରିବ । ଫଳରେ ଏହି ରାଶିର ବ୍ୟକ୍ତିମାନଙ୍କ ଜୀବନରେ ଲାଗି ରହିଥିବା ସମସ୍ୟା ଦୂର ହେବା ସହ ସମସ୍ତ କ୍ଷେତ୍ରରେ ସଫଳତା ପ୍ରଦାନ କରିବ । ଏଥିସହିତ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦୂର ହେବ ଏବଂ କ୍ୟାରିୟରରେ ସଫଳତା ମିଳିବ ।

ତୁଳା: ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଶନିଙ୍କ ଗୋଚର ତୁଳା ରାଶି ଉପରେ ଥିବା ଶନିଙ୍କ ଖରାପ ପ୍ରଭାବକୁ ଦୂର କରିବ । ଏଥିସହିତ ସେମାନଙ୍କ ଜୀବନରେ ଅନେକ ସଫଳତା ମିଳିବ । ତେବେ ଶନିଙ୍କ ଏହି ଚଳନ ତୁଳା ରାଶିର ଆୟ ବୃଦ୍ଧି କରିବ ଏବଂ ସମାଜରେ ମାନ-ସମ୍ମାନ ବୃଦ୍ଧି ହେବ ।

ଧନୁ: ୨୦୨୩ ମସିହାରେ ଶନି କୁମ୍ଭ ରାଶିରେ ପ୍ରବେଶ କରିବା ଫଳରେ ଏହା ଧନୁ ରାଶିର ବ୍ୟକ୍ତିମାନଙ୍କୁ ଅନେକ କାମରେ ସଫଳତା ପ୍ରଦାନ କରିବ । ଏଥିସହିତ ଏହି ରାଶିରେ ଚାଲୁଥିବା ଶନି ସାଢେଶାତି ମଧ୍ୟ ସମାପ୍ତ ହେବ । ଫଳରେ ସ୍ୱାସ୍ଥ୍ୟ ଜନିତ ଲାଗି ରହିଥିବା ସମସ୍ୟା ଏବଂ ଦୁଃଖ କଷ୍ଟ ଦୂର ହେବ ଏବଂ ଆୟ ବୃଦ୍ଧିର ଅନେକ ବାଟ ମଧ୍ୟ ଫିଟିବ ।

ବୁଲି ଯାଆନ୍ତୁ କୋଣାର୍କରେ ଥିବା ଏହି ତନ୍ତ୍ର ପୀଠ

ମଠ ପ୍ରତିଷ୍ଠା ହେବା ଦିନରୁ ଜଳୁଛି ତ୍ରୀକୋଣିୟ ଅଗ୍ନି କୁଣ୍ଡ

ଆପଣ କେବେ ନା କେବେ କୋଣାର୍କ ବୁଲି ଯାଇଥିବେ। ଏହାର ସୌନ୍ଦର୍ଯ୍ୟ ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ। ତେବେ ଆପଣ କୋଣାର୍କ ଗଲେ ସୂର୍ଯ୍ୟମନ୍ଦିର, ପାଖରେ ଥିବା ରାମଚଣ୍ଡୀ ଆଉ ଚନ୍ଦ୍ରଭାଗା ସମୁଦ୍ରକୂଳ ଯାଇଥିବେ। କିନ୍ତୁ ଆଜି ଆପଣଙ୍କୁ ସେହି କୋଣାର୍କର ଏପରି ଏକ ସ୍ଥାନ ବିଷୟରେ କହିବୁ ଯାହା ବିଷୟରେ ବହୁତ କମ୍ ଲୋକ ଜାଣିଥିବେ। ତେବେ ଆସନ୍ତୁ ଜାଣିବା ସେହି ସ୍ଥାନକୁ ଗଲେ ଆପଣ କ'ଣ ଦେଖିବେ ଆଉ କ'ଣ ସବୁ ବିଷେଶତ୍ୱ ରହିଛି।

ବିଶ୍ୱପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିରର ଦକ୍ଷିଣ ଦିଗରେ ଶହ ଶହ ବର୍ଷ ତଳର ପ୍ରାଚୀନ ଅନନ୍ତ ଅବଧୂତ ମଠ ଅବସ୍ଥିତ। ବହୁତ କମ୍ ଲୋକ ସେହି ପ୍ରାଚୀନ ମଠ ସମ୍ପର୍କରେ ଜାଣିଛନ୍ତି। ସେଥିପାଇଁ ସେଠାରେ ଲୋକଙ୍କର ଏତେ ଗହଳି ମଧ୍ୟ ଦେଖାଯାଏନାହିଁ। କିମ୍ବଦନ୍ତି ଅନୁସାରେ, ଭଗବାନ ଶିବ ସେଠାରେ ଅଗ୍ନି କୁଣ୍ଡ ସ୍ଥାପନ କରି ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଯଜ୍ଞ କରିଥିଲେ। ଦ୍ୱାପର ଯୁଗରେ କୃଷ୍ଣଙ୍କର ପୁଅ ସାମ୍ବ ସେହି ସ୍ଥାନରେ ସୂର୍ଯ୍ୟଙ୍କ ଉପାସନା କରି ରୋଗ ମୁକ୍ତ ହୋଇଥିଲେ।

ମାଦଳା ପାଞ୍ଜିରେ ମଧ୍ୟ ଅବଧୂତ ମଠର ବର୍ଣ୍ଣନା ରହିଛି। ସେହି ସ୍ଥାନ ଏକ ତନ୍ତ୍ର ପୀଠ ଭାବେ ମଧ୍ୟ ଜଣାଶୁଣା। ସେଠାରେ ତାନ୍ତ୍ରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥାଏ।

ଆପଣ ସେହି ମଠକୁ ଗଲେ ସୂର୍ଯ୍ୟ ନାରାୟଣଙ୍କ ଏକ ସୁନ୍ଦର ମୂର୍ତ୍ତି ଦେଖିବାକୁ ପାଇବେ। ସେଠାରେ ଓଁକାର ରୂପୀ ନିରାକାର ବ୍ରହ୍ମାଙ୍କର ମୂର୍ତ୍ତି ମଧ୍ୟ ଆପଣ ଦେଖିବାକୁ ପାଇବେ। ମଠ ପ୍ରତିଷ୍ଠା ହେବା ଦିନଠାରୁ ସେଠାରେ ଜ୍ୱଳନ୍ତ ଅବସ୍ଥାରେ ତ୍ରୀକୋଣିୟ ଅଗ୍ନିକୁଣ୍ଡ ରହିଛି।

ଏହାକୁ ବାଦ୍ ଦେଲେ ଆପଣ ସେଠାରେ ଅନେକ ପ୍ରାଚିନ ମୂର୍ତ୍ତୀ ଦେଖିବାକୁ ପାଇବେ। ତାହା ଏକ ତନ୍ତ୍ର ପୀଠ ହୋଇଥିବାକୁ ସେଠାରେ ଅନେକ ତନ୍ତ୍ର ପୋଥି ସାଇତା ହୋଇରହିଛି। ଇତିହାସ ଅନୁସାରେ, ଅନେକ ସେହି ମଠକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ତେଣୁ ଏଥିରୁ ଉଦ୍ଧାର ପାଇବା ପାଇଁ ସେଠାକାର ତତ୍କାଳୀନ ମଠାଧିସ ନରସିଂହ ଅବଧୂତ ଘୁଷୁରି ମାଂସ ସହ ତୁଳସୀ ପତ୍ର ପ୍ରସାଦ ବ୍ୟବସ୍ଥା ଆରମ୍ଭ କରିଥିଲେ। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବକୁଳ ଅମାବାସ୍ୟା ତିଥିରେ ସେଠାରେ ଘୁଷୁରୀ ମାଂସ ତରକାରୀ ଏବଂ ତୁଳସୀ ପତ୍ର ଲାଗି କରାଯାଏ।

ଅନନ୍ତ ଅବଧୂତ ମଠ ପ୍ରତିଷ୍ଠା ହେବା ଦିନଠାରୁ ଦାୟିତ୍ୱରେ ଥିବା ମଠାଧିଷମାନଙ୍କର ସମାଧି ମଧ୍ୟ ଆପଣ ଦେଖିବାକୁ ପାଇବେ। ଏହା କେବଳ ଇତିହାସ ଦୃଷ୍ଟିରୁ ନୁହେଁ ପରମ୍ପରା ଦୃଷ୍ଟିରୁ ମଧ୍ୟ ସେହି ମଠର ବହୁତ ଗୁରୁତ୍ୱ ରହିଛି।

ଆପଣ ଏହି ମଠକୁ ଯିବାକୁ ଚାହିଁଲେ ରାଜଧାନୀ ଭୁବନେଶ୍ୱରରୁ ବସ୍, ଟ୍ରେନ୍, ଟ୍ୟାକ୍ସି କିମ୍ବା ନିଜ ଗାଡ଼ିରେ ମଧ୍ୟ ଯାଇପାରିବେ। ଭୁବନେଶ୍ୱରରୁ ଏହା ୬୫ କି.ମି.। ସେହି ସ୍ଥାନକୁ ଆପଣ ବର୍ଷର ଯେ କୌଣସି ସ୍ଥାନରେ ଯାଇ ବୁଲି ଆସି ପାରିବେ।

ଘରେ ପ୍ରସ୍ତୁତ କରନ୍ତୁ ଚିକେନ ଗୋଲମରିଚ

ଆବଶ୍ୟକ ସାମଗ୍ରୀ:

ଚିକେନ
ପିଆଜ
ଲଙ୍କାଗୁଣ୍ଡ
ଜିରାଗୁଣ୍ଡ
ଗରମ ମସଲା
ଗୋଲମରିଚ ଗୁଣ୍ଡ
ଲେମ୍ବୁ ରସ
ଦହି
କସ୍ତୁରୀ ମେଥି
ହଳଦି ଗୁଣ୍ଡ
ରିଫାଇନ୍ ତେଲ
ଗୁଜୁରାତି
ଲବଙ୍ଗ
ଡାଲଚିନି
ଲୁଣ

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଚିକେନକୁ ଧୋଇ ଦିଅନ୍ତୁ। ଏହା ପରେ ଚିକେନରେ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁ ରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ ପକାଇ ମ୍ୟାରିନେଟ କରନ୍ତୁ। ସେହିଭଳି ପିଆଜକୁ ଭାଜି ଅଳ୍ପ ବାଟି ରଖନ୍ତୁ । କଡ଼େଇରେ ତେଲ ଗରମ କରି ଗୋଟା ମସଲା (ଗୁଜୁରାତି, ଲବଙ୍ଗ, ଡାଲଚିନି) ପକାନ୍ତୁ। ଏହାପରେ ମ୍ୟାରିନେଟ୍ ଚିକେନକୁ ପକାଇ ୧୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣି ବାହାର କରି ଚିକେନ୍‌କୁ ଚଲାନ୍ତୁ। ଏହାପରେ ପୁଣି ଘୋଡ଼ାଇ ଦିଅନ୍ତୁ। ୫ରୁ ୭ ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଭଜା ପିଆଜ ବଟା ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ୍ ଗୋଲମରିଚ।

ସ୍ମୃତିଶକ୍ତିର ଉତ୍ତମ ଖୋରାକ୍

କିଶୋରବସ୍ଥାରୁ ହିଁ ପିଲାଙ୍କ ସ୍ମୃତିଶକ୍ତି ବୃଦ୍ଧି ନିମନ୍ତେ ପିତାମାତା ବିଭିନ୍ନ ପଦକ୍ଷେପ ନେଇଥାନ୍ତି । ସେମାନଙ୍କ ଖାଦ୍ୟପାନୀୟ ସହ ଅନ୍ୟାନ୍ୟ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଏ । ଯେପରି ସେମାନେ କେତେ ସମୟ ଖେଳିବେ, କେଉଁ ସମୟରେ ଟିଭି ଅବା କମ୍ପ୍ୟୁଟରରେ ଗେମ ଖେଳିବେ ଇତ୍ୟାଦିଇତ୍ୟାଦି । ବିଶେଷଜ୍ଞଙ୍କ ମତରେ ଏସବୁ ବାଦ ଉତ୍ତମ ପୋଷାକତତ୍ତ୍ୱଯୁକ୍ତ ଖାଦ୍ୟ ଓ ନିଦ୍ରା, ସ୍ମୃତି ଶକ୍ତି ବଢ଼ାଇବାରେ ଖୁବ ସହାୟକ ।



ନିୟମିତ ଭାବେ ଯଦି କୌଣସି ବ୍ୟକ୍ତି ଯୋଗ, ପ୍ରାଣାୟମ କରୁଥାନ୍ତି, ତାଙ୍କ ସ୍ମୃତି ଶକ୍ତି କ୍ଷିପ୍ର ବେଗରେ ବଢ଼ିଥାଏ । ସକାଳବେଳା କିଛି ସମୟ ଧ୍ୟାନ କରିବା ଶରୀର ନିମନ୍ତେ ମଧ୍ୟ ଖୁବ୍ ହିତକାରୀ । ପିଲାମାନେ ମଧ୍ୟ ଏହା ଅଭ୍ୟାସ କରିବା ଉଚିତ ।

କାମର ଚାପରେ ଥକ୍କାପଣ ବଢ଼େ, କିନ୍ତୁ ଅବିରତ ବା ନିରନ୍ତର ପରିଶ୍ରମରେ ବ୍ୟତିବ୍ୟସ୍ତ ଲାଗିଥାଏ । ଏସବୁ ସହିତ ନିଦ ଠିକ୍ ଭାବେ ଓ ଠିକ୍ ସମୟରେ ନ ହେଲେ, ଅସୁବିଧା ଅଧିକ ହୋଇଥାଏ । ଦୈନିକ ପିଲା ଠାରୁ ବୟସ୍କ ସମସ୍ତ ବର୍ଗର ଲୋକ ୬-୭ ଘଣ୍ଟା ଶୋଇବା ଭଲ । ଏହା ସ୍ମୃତିଶକ୍ତି ବଢ଼ାଇଥାଏ । ନିଦ ଅଧାରୁ ଭାଙ୍ଗିଲେ ତାହା ସର୍ବପ୍ରଥମେ ଆମ ମାନସିକ ସ୍ଥିତି ଓ ସ୍ମୃତିଶକ୍ତିକୁ ପ୍ରଭାବିତ କରିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

କର୍ମଜୀବୀ ବ୍ୟକ୍ତି ହୋଇଥିଲେ ଦିନବେଳା ଭୋଜନ ପରେ ୧୦-୧୫ ମିନିଟ୍ ନିଜ ଥକ୍କାପଣ ମେଣ୍ଟାଇବା ନିମନ୍ତେ ଆରାମ କରନ୍ତୁ । ଏପରି କଲେ ଶରୀରକୁ ଫୁର୍ତ୍ତି ଲାଗିଥାଏ ।

ବିୟର - ରମେନ

ବିୟର ସହ ହ୍ୱାଇଟ୍ ନୁଡୁଲ୍ସର ମିଶ୍ରିତ ଖାଇବା, ଶୁଣିଲା ବେଳକୁ ଅଜିବ୍ ଲାଗିଲେ ବି ଏହା ଏକ ଖାଦ୍ୟ ଯାହାର ଚାହିଦା ଖୁବ ଅଧିକା ହୁଏତ ଭାରତରେ ଏ ଖାଦ୍ୟ ସେତେ ପ୍ରସିଦ୍ଧ ନୁହେଁ କିନ୍ତୁ କାନାଡ଼ାରେ ଏହା ଖୁବ ଫେମସ । କାନାଡାରେ ମିଳୁଥିବା ଏହିବ ବିୟର-ରେମନର ମଜା ଛୋଟପିଲାମାନେ ମଧ୍ୟ ଉଠାନ୍ତି । ପ୍ରକୃତରେ କହିବାକୁ ଗଲେ ଏହା କୌଣସି ବିୟରରୁ ପ୍ରସ୍ତୁତ ଫ୍ଲେକ୍ସ ଆଉ ଏହାର ଉପର ଅଂଶଟି ହେଉଛି ଅଣ୍ଡାର ଧଳାଅଂଶ ଓ ଜିଲେଟିନର ଏକ ମିଶ୍ରଣ, ବିଶେଷ କରି ଏହା କୌଣସି ବିୟର ବା ନିଶାଶକ୍ତ ପଦାର୍ଥରୁ ପ୍ରସ୍ତୁତ ହୁଏନାହିଁ, ସେଥିପାଇଁ ଏହାର ମଜା କାନାଡାର ଛୋଟ ପିଲାମାନେ ମଧ୍ୟ ଉଠାଇଥାନ୍ତି ।

ଘରେ ତିଆରି କରନ୍ତୁ ଗୋଲାପ ଘିକୁଆଁରୀ ମିଶ୍ରଣ

ଘିକୁଆଁରୀ ରସ କବଳ ଓ କୀଟାଣୁନାଶକ । ଏହା ତ୍ୱଚାର ଯତ୍ନ ନିଏ । କଳା ଦାଗ ଦୂର ସହିତ ତ୍ୱଚାକୁ ଉଜ୍ଜ୍ୱଳ ରଖେ । ତେବେ, ଘିକୁଆଁରୀ ରସ ଓ ଗୋଲାପ ଜଳର ମିଶ୍ରଣ ତ୍ୱଚା ପାଇଁ ଆହୁରି ଉପକାରୀ । ବଜାରରେ ତାହା ମିଳୁଥିଲେ ହେଁ, ଅଧିକ ଦିନ ପର୍ଯ୍ୟନ୍ତ ସଂରକ୍ଷଣ ଲାଗି ସେଥିରେ ରାସାୟନିକ ମିଶିଥାଏ । ଘରେ ମିଶ୍ରଣ ପ୍ରସ୍ତୁତ କରି ଲଗାନ୍ତୁ, ଅଧିକ ସୁଫଳ ମିଳିବା । ପ୍ରସ୍ତୁତି ପ୍ରଣାଳୀ:- ଗୋଟିଏ ଘିକୁଆଁରୀ ପତ୍ରକୁ ମୂଳରୁ କାଟିଆଣନ୍ତୁ । ଭଲ ଭାବେ ଧୋଇବା ପରେ, ପତ୍ରର ଗୋଟିଏ ପାଖ କାଟି ଉପର ଅଂଶକୁ ହାତରେ ଟାଣି କାଢ଼ିଦିଅନ୍ତୁ । ଏହା ଦ୍ୱାରା ରସ ସଂଗ୍ରହ ସହଜ ହୁଏ । ଚାମଚରେ ରସ କାଢ଼ି ନିର୍ଦ୍ଦିଷ୍ଟ ପାତ୍ରରେ ରଖନ୍ତୁ । ଯେପରି ଆଦୌ ସବୁଜ ଅଂଶ ବାହାରି ନ ଆସେ, ସେଥି ପ୍ରତି ଧ୍ୟାନ ରଖନ୍ତୁ । ସେଥିରେ ଦଶ-ବାର କେଇ ବୁନ୍ଦା ଗୋଲାପ ଜଳ ପକାଇ ଭଲ ଭାବେ ଫେଣ୍ଟିଦିଅନ୍ତୁ । ଏହା ଦ୍ୱାରା ମିଶ୍ରଣ ସୁଗନ୍ଧିତ ହୁଏ । ଅଧିକ ଲାଭ ପାଇଁ ଭିଟାମିନ ଇ-ତୈଳ ମିଶାଇପାରିବେ ।

ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୭/୧୨ (ନି.ପ୍ର): ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସୋମବାର ପୂର୍ବାହ୍ନରେ ସାଧାରଣତନ୍ତ୍ର ଦିବସ-୨୦୨୩ ପାଳନର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଟି ଭାରତୀୟଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏହି ମହାନ ଦିବସ ସହ ସମସ୍ତଙ୍କ ଭାବାବେଗ ଜଡ଼ିତ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ ।

୭୪ତମ ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତୋଳନ କରିବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ରାଷ୍ଟ୍ରୀୟ ସମାରୋହରେ ଉପସ୍ଥିତ ରହିବେ । ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ୟାରେଡ୍ ଓ ପତାକା ଉତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ । ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ସାଧାରଣତନ୍ତ୍ର ଦିବସ ସଂପର୍କିତ ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧାପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥି ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପବେଶନ ବ୍ୟବସ୍ଥାରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ତ୍ରିରଙ୍ଗା ଦ୍ୱାରା ସାଜସଜ୍ଜା ଏବଂ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ପରାମର୍ଶ ଦେଇଥିଲେ । ଚଳିତ ସାଧାରଣତନ୍ତ୍ର ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଉତ୍ସବ ସ୍ଥଳର ସାନିଟାଇଜେସନ୍ ଓ ପିଇବା ପାଣି ବ୍ୟବସ୍ଥା କରାଯିବ । ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ । ପୂର୍ବବର୍ଷ ପରି ନୂଆଦିଲ୍ଲୀ, କୋଲକାତା, ଚେନ୍ନାଇ, ମୁମ୍ବାଇଠାରେ ବିଭାଗ ପକ୍ଷରୁ ଉତ୍ସବ ପାଳନ କରାଯିବ । ସେହିପରି ଆରଡିସି ଜୋନ୍, ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ସ୍ୱାଧୀନତା ଦିବସ ପାଳନ କରାଯିବ । ଏହି ବୈଠକ ରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଯୁଗ୍ମ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁରବୀର ସିଂହ ଓ ବିଶ୍ୱଜିତ ଦାଶ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏକାଦଶ କୃଷି ଗଣନା ୨୦୨୧-୨୨ ନିମନ୍ତେ ପ୍ରଥମ ଜିଲ୍ଲାସ୍ତରୀୟ ସଂଯୋଜନା କମିଟି ବୈଠକ

ସୁବର୍ଣ୍ଣପୁର,୨୭/୧୨ (ନି.ପ୍ର): ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏକାଦଶ କୃଷି ଗଣନା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରଥମ ଜିଲ୍ଲା ସ୍ତରୀୟ ସଂଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା କୃଷି ଗଣନା ଅଧିକାରୀ ଶ୍ରୀମତୀ ଅବୋଲି ସୁନୀଲ ନରଓ୍ୱଣେ ଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୂର୍ଯ୍ୟ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ଗଣନାର ଆଭିମୁଖ୍ୟ ସହିତ ଚଳିତ ବର୍ଷ ପାଇଁ ଏଥିରେ ସାମିଲ ହେବାକୁ ଥିବା ନୂତନ ନିୟମାବଳୀ ସମ୍ବନ୍ଧରେ ଆଲୋଚନା କରାଯାଇଛି । ୨୦୨୩ ମାର୍ଚ୍ଚ ୩୧ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଧାର୍ଯ୍ୟ କରାଯାଇଥିବା ସମୟ ଅନୁଯାୟୀ ଚଳିତ ଡିସେମ୍ବର ମଧ୍ୟରେ ସର୍ଭେ ପାଇଁ ଆବଶ୍ୟକ କର୍ମଚାରୀଙ୍କ ତାଲିକା ପ୍ରସ୍ତୁତି ସହ ତାଲିମ ପ୍ରଦାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଇ ଜାନୁଆରୀ ରୁ କ୍ଷେତ୍ରୀୟ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ ନେଇ ବୈଠକରେ ସୂଚନା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ କୁ ସୁବ୍ୟବସ୍ଥି ଓ ସୁପରିଚାଳନା ନିମନ୍ତେ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ର କର୍ମଚାରୀ,କୃଷି ବିଭାଗର ଗ୍ରାମସେବକ ସହ ରାଜସ୍ୱ ବିଭାଗର କ୍ଷେତ୍ର ଅଧିକାରୀ ସାମିଲ ରହିବେ । ଜିଲ୍ଲାର ସମସ୍ତ ୯୮୮ ଗ୍ରାମରେ ଏହି ସର୍ଭେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥି ନିମନ୍ତେ ୯୨ ଜଣ କର୍ମଚାରୀ ନିୟୋଜିତ ରହିବେ । ପ୍ରକାଶ ଥାଉକି ଉଦାହରଣ ଭାବେ ୨୦ ପ୍ରତିଶତ ଗ୍ରାମକୁ ସର୍ଭେ କରାଯାଇ ୧୦ ମ କୃଷି ଗଣନା କରାଯାଇଥିବାବେଳେ ଚଳିତ ଏକାଦଶ କୃଷି ଗଣନା ରେ ଜିଲ୍ଲାର ଶତ ପ୍ରତିଶତ ଗ୍ରାମକୁ ଡିଜିଟାଲ ଭାବେ ମୋବାଇଲ ଆପ ଜରିଆରେ ସମସ୍ତ ସର୍ଭେ କରାଯାଇ ୩ଟି ପର୍ଯ୍ୟାୟ ରେ ଡାଟାବେସ ପ୍ରସ୍ତୁତି କରାଯିବ । ଏହି ଗଣନା କାର୍ଯ୍ୟରେ ଜମିର ମାଲିକାନା, ଜମିର ଆକାର ପ୍ରକାର, କୃଷି ଯନ୍ତ୍ରପାତି ଉପଯୋଗ, ତଥା ଅନ୍ୟାନ୍ୟ କୃଷି ଆନୁସଙ୍ଗିକ ବ୍ୟବହାର, ଫସଲ ପ୍ରଣାଳୀ ଆଦି ଉପରେ ତଥ୍ୟ ସଂଗ୍ରହ କରାଯିବ । ଡିଜିଟାଲ ମାଧ୍ୟମରେ ଥିବା ଜମିର ରେକର୍ଡ କୁ ଏଥିପାଇଁ ବ୍ୟବହାର କରାଯିବ । ଏହି ଗଣନା କାର୍ଯ୍ୟର ପରିଚାଳନା ଓ ଅଗ୍ରଗତି ବିଭାଗ ୱେବ ପୋର୍ଟାଲ ରେ ମଧ୍ୟ ଅପଲୋଡ଼ କରାଯିବ । ଆଜି ର ଏହି ସଂଯୋଜନା କମିଟି ବୈଠକ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଉପ ନିର୍ଦ୍ଦେଶକ ଚତୁର୍ଭୁଜ ସାହୁ ଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ କମିଟିର ସଦସ୍ୟ ଉପନିର୍ଦ୍ଦେଶକ କୃଷି ଗୌରୀ ଶଙ୍କର ସିଂ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ଃ ଏ କେ କର, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ହୃଷିକେଶ ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡି ଆଇ ଓ ବିକାଶ ରଞ୍ଜନ ନାୟକ ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଏମ୍ସରେ ସୁଶାସନ ଦିବସ ପାଳିତ

ଭୁବନେଶ୍ୱର,୨୭/୧୨ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କର ୯୮ତମ ଜନ୍ମବାର୍ଷିକୀ ଅବସରରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଗତକାଲି ସୁଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୁଗଦ୍ରଷ୍ଟା ଅଟଳ ବିହାରୀଙ୍କୁ ଏମ୍ସ ଭୁବନେଶ୍ୱର ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ଏନେଇ ଗତକାଲି ଏମ୍ସ ଭୁବନେଶ୍ୱର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଭାରତରତ୍ନ ଅଟଳ ବିହାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ସ୍ୱର୍ଗତ ବାଜପେୟୀଙ୍କ ମହାନ ଜୀବନୀ ବାବଦରେ ମତ ରଖିବା ସହିତ ସଚେତନତା, ପ୍ରତିବଦ୍ଧତା, କର୍ତ୍ତବ୍ୟବୋଧତା, ସ୍ୱଚ୍ଛତା ଏବଂ ସାଧୁତା ହିଁ ସୁଶାସନ ଦିବସ ପାଳନର ମୌଳିକ ଆଧାର ବୋଲି ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ପ୍ରଫେସର (ଆନାଟୋମି) ଡ. ପ୍ରଭାସ ରଂଜନ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିନ ଡ. ପି ଆର୍ ମହାପାତ୍ର, ମେଡିକାଲ୍ ଅଧିକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି, ଭାରପ୍ରାପ୍ତ ଡିଡିଏ ରଣ୍ଜି ରଞ୍ଜନ ସେଠୀ, କୁଳସଚିବ ବି ବି ମିଶ୍ର ପ୍ରମୁଖଙ୍କ ସମେତ ଅତିଥି, ଅଧ୍ୟାପକ/ ଅଧ୍ୟାପିକା, ଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

ସମାଜର ବିଭିନ୍ନ ବର୍ଗରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଭାରତରତ୍ନ ଅଟଳ ବିହାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଏମ୍ସ ଭୁବନେଶ୍ୱର ଭଳି ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ପ୍ରତିଷ୍ଠା ଫଳରେ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆସିଥିବା ମତପ୍ରକାଶ ପାଇଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ୧୫ ଜୁଲାଇ ୨୦୦୩ ରେ ଏମ୍ସ ଭୁବନେଶ୍ୱରର ଭିତିପ୍ରସ୍ତର ସ୍ଥାପନ କରିଥିଲେ ।

ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି : ଶରତ ପଟ୍ଟନାୟକ

ଭୁବନେଶ୍ୱର,୨୭/୧୨ (ନି.ପ୍ର): ସ୍ୱାସ୍ଥ୍ୟ ସେବା ନାମରେ ନବୀନ ସରକାର ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି । ନିକଟରେ ବିଶ୍ୱବ୍ୟାଙ୍କର ସର୍ଭେରୁ ରାଜ୍ୟ ସରକାରଙ୍କ ଚିକିତ୍ସା ବ୍ୟବସ୍ଥାରେ କାର୍ଯ୍ୟରତ ୪୯ ପ୍ରତିଶତ ଡାକ୍ତର ନକଲି ବୋଲି ପ୍ରକାଶିତ ହେବାପରେ ରାଜ୍ୟବାସୀଙ୍କର ନବୀନ ସରକାରଙ୍କ ଚିକିତ୍ସା ବ୍ୟବସ୍ଥା ଉପରୁ ଭରସା ତୁଟିଯାଇଛି ବୋଲି କହିଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ।

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ.ଜଷ୍ଟିସ ଏସ ମୁରଲୀଧର ଏବଂ ଡକ୍ତର ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟରେ କାର୍ଯ୍ୟକରୁଥିବା ସମସ୍ତ ଡାକ୍ତରମାନଙ୍କର ଯୋଗ୍ୟତା ଯାଂଚକରି ତଥ୍ୟ ଉପସ୍ଥାପନ ଶୀଘ୍ର କରନ୍ତୁ । ୨୦୨୨ ଅକ୍ଟୋବର-୧୮ ତାରିଖ ଏହି ମାମଲାରୁ ଶୁଣାଣି ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ଯେ ରାଜ୍ୟ ସରକାର ଜଣେ ଉପଯୁକ୍ତ ଶିକ୍ଷା ନଥାଇ ମଧ୍ୟ ତାଙ୍କୁ ଡାକ୍ତର ଭାବେ ନିଯୁକ୍ତି ଦିଆଯାଇଥିଲା ।

୨୦୧୦ ସୁଦ୍ଧା ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ୨୦୨୨ରେ ପୂରଣ ହେଲା ନାହିଁ । ରାଜ୍ୟରେ ମେଲେରିଆ ଓ ଡେଙ୍ଗୁ ରୋଗର ସ୍ଥିତି ଉଦବେଗ ଜନକ ।

ଶ୍ରୀ ପଟ୍ଟନାୟକ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ବିକଳ ଚିତ୍ର ଉପସ୍ଥାପନା କରି କହିଛନ୍ତି ଯେ ଓଡ଼ିଶା ବଜାରରେ ନକଲି ଔଷଧ ହାଉଯାଉ । ଅସାଧୁ ବ୍ୟବସାୟୀ ଏବଂ ଭେଷଜ ନିୟନ୍ତ୍ରକଙ୍କ ଅପାରଗତା ଯୋଗୁଁ ରାଜ୍ୟରେ ଅତ୍ୟନ୍ତ ଭରଷାଯୋଗ୍ୟ ଔଷଧ ଗୁଡ଼ିକର ନକଲ କରି ପ୍ରଚୁର ପରିମାଣରେ ବିକ୍ରେତାଙ୍କ ମାଧ୍ୟମରେ ବିକ୍ରି କରାଯାଉଛି । ପାଖାପାଖି ୩୦ ପ୍ରକାର ଔଷଧ ଯାହା ବଜାରରେ ବିକ୍ରି ହେଉଥିଲା ତାହାକୁ ଏବେ ଭେଷଜ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟରୁ ଫେରସ୍ତ ନେବା ହ୍ୱାଟସଆପ ମାଧ୍ୟମରେ ଔଷଧ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭିନ୍ନ ଗଣମାଧ୍ୟମରେ ଏହା ପ୍ରକାଶ ପାଇଛି । କିଛିମାସ ତଳେ ବ୍ଲଡ ପ୍ରେସର ଔଷଧ ଟେଲମା-୪୦, ଟେଲମା- ଏଏନ ଔଷଧ ସଂପୂର୍ଣ୍ଣ ନକଲି ବୋଲି ଜଣାପଡ଼ିଥିଲା । କିନ୍ତୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେବା ହେତୁ ପୁଣି କ୍ଲାଭାମ-୬୨୫ ଆଂଟିବାଇଟିକ ଔଷଧ ନକଲି ବୋଲି ଜଣାପଡ଼ିଲା ପରେ ତାକୁ ମଧ୍ୟ ବଜାରରୁ ଫେରାଇ ନିଆଯାଇଥିଲା । କିନ୍ତୁ ଏବେ ବଜାରରେ ବିକ୍ରି ହେଉଥିବା ଝାଡ଼ା ପାଇଁ ଓ-୨, ଗ୍ୟାସ ବଟିକା ପାଂଟବ, ଅଲଟ୍ରାସେଟ, ବ୍ରେକ, ଫାବିପିରାଭିର୍ (କୋଭିଡ ଔଷଧ) ଭଳି ବିଭିନ୍ନ ବହୁଳ ଭାବରେ ବିକ୍ରି ହେଉଥିବା ଔଷଧ ସଂପୂର୍ଣ୍ଣ ନକଲି ବୋଲି ଏବେ ପରୀକ୍ଷାରୁ ଜଣାପଡ଼ିଲା । ଏହି ଔଷଧ ସବୁ ନିର୍ଦ୍ଦିଷ୍ଟ କିଛି ଯୋଗାଣକାରୀ ମାନେ ଦୀର୍ଘଦିନ ଧରି ଯୋଗାଇ ଚାଲିଛନ୍ତି । କିନ୍ତୁ ଏସବୁ ଔଷଧର ମାନ କେବେ ପରୀକ୍ଷା ହେଉନାହିଁ ଫଳରେ ସାଧାରଣ ଲୋକର ରୋଗ କମିବା ପରିବର୍ତ୍ତେ ରୋଗ ବୃଦ୍ଧି ପାଉଛି । ବହୁ ପଇସା ଖର୍ଚ୍ଚ କରି ନକଲି ଔଷଧ କିଣିବା ରାଜ୍ୟବାସୀଙ୍କ ପାଇଁ ସାର ହେଉଛି । ସରକାର କିଭଳି ଜାଣିପାରୁ ନାହାନ୍ତି ବଜାରରେ ନକଲି ଔଷଧ ଏତେ ପରିମାଣରେ ବିକ୍ରି ହେଉଛି ନା ଏହା ସରକାରୀ କଳ ଏବଂ ଦଳର ଅନୁମୋଦନରେ ଏ କାରବାର ଚାଲିଛି । ଏଭଳି ଏକ ସଙ୍ଗୀନ ସର୍ଭେ ରିପୋର୍ଟ ପ୍ରକାଶ ପାଇବା ପରେ ଏପରିକି ଉଚ୍ଚନ୍ୟାୟଳର କଟୁଉକ୍ତି ପରେ ମଧ୍ୟ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟମନ୍ତ୍ରୀ କିମ୍ବା ସ୍ୱାସ୍ଥ୍ୟବିଭାଗର ପଦାଧିକାରୀ କେହି ଏ ବାବଦରେ ପାଟି ନଖୋଲିବା କ'ଣ ଦର୍ଶାଉଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଜଣେ ରୋଗୀ ଆଜି ଅସହାୟତା, ଭୟାବହ ଏବଂ ଏକ ଅବିଶ୍ୱାସନୀୟତା ବାତାବରଣ ଭିତରେ ଆତଙ୍କିତ ଅବସ୍ଥାରେ ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ କଫି ମିସନ୍: ୬ ଜିଲ୍ଲାରେ ୯୦ ହଜାର ହେକ୍ଟର ଜମିରେ ଚାଷ

ଭୁବନେଶ୍ୱର : ଓଡ଼ିଶାରେ ଖୁବ୍‌ଶୀଘ୍ର କଫି ମିସନ ଆରମ୍ଭ କରାଯିବ । ଏନେଇ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଟ୍ୱିଟ ଜରିଆରେ ସୂଚନା ଦେଇଛନ୍ତି । ୬ଟି ଜିଲ୍ଲାରେ ୯୦ ହଜାର ହେକ୍ଟର ଜମିରେ ଚାଷ କରାଯାଇ ୧୪ ହଜାର ୪୬୦ ମେଟ୍ରିକ ଟନ୍ ଉତ୍ପାଦନର ଆଶା ରହିଛି । ରାଜ୍ୟରେ ମିଲେଟ୍ ମିସନ ଏବଂ ପଣସ ମିସନ୍ କାର୍ଯ୍ୟକାରୀ ହୋଇଛି । ଫୁଲ, ମସଲା ମିସନ କାର୍ଯ୍ୟକାରୀ ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛି । କିଛି ଦିନ ପୂର୍ବରୁ ଛତୁ ମିସନ କାର୍ଯ୍ୟକାରୀ ନେଇ ମଧ୍ୟ କୃଷି ମନ୍ତ୍ରୀ ଏବଂ ସଚିବ ସୂଚନା ଦେଇଥିଲେ । ସୂଚନା ଅନୁଯାୟୀ, ୭୦ ଦଶକରେ କରାଯାଇଥିବା ସର୍ଭେ ଅନୁସାରେ ଓଡ଼ିଶାରେ ୩.୪୭ ଲକ୍ଷ ହେକ୍ଟର ଜମିରେ କଫି ଚାଷ କରାଯାଇ ପାରିବ । ବର୍ତ୍ତମାନ ପରିପ୍ରେକ୍ଷୀରେ ୧.୪୬ ଲକ୍ଷ ହେକ୍ଟର କଫି ଚାଷର କ୍ଷମତା ଥିବା ନେଇ ଆକଳନ କରିଛି କଫି ବୋର୍ଡ । ରାଜ୍ୟରେ ବର୍ତ୍ତମାନ ୪୪୦୦ ହେକ୍ଟର ଜମିରେ ଏହି ଚାଷ ହେଉଛି । ସରକାରଙ୍କ ସହଯୋଗରେ କୋରାପୁଟରେ ଚଳିତ ବର୍ଷ ୩୩୦୦ ଏକର ଜମିରେ ଚାଷ କରାଯାଉଛି । ଚଳିତ ବର୍ଷ ସରକାରଙ୍କ ସହଯୋଗରେ କଳାହାଣ୍ଡିରେ ୧୦ ହେକ୍ଟର ଜମିରେ ଚାଷ କରାଯାଇଛି । କଫି ମିସନ କାର୍ଯ୍ୟକାରୀ ହେଲେ ପ୍ରାଥମିକ ପର୍ଯ୍ୟାୟରେ କୋରାପୁଟ ଏବଂ କଳାହାଣ୍ଡି ସହିତ ରାୟଗଡ଼ା, ଗଜପତି, କେନ୍ଦୁଝର ଏବଂ କନ୍ଧମାଳରେ କାର୍ଯ୍ୟକାରୀ ହେବ । ଏଥିରେ ସରକାରୀ ଭାବରେ ୮୦ ହଜାର ଏବଂ କମ୍ପାନି ପକ୍ଷରୁ ୧୦ ହଜାର ଏକର ଜମିରେ ଚାଷ କରାଯିବ । ବର୍ତ୍ତମାନ ରାଜ୍ୟରେ ୪୬୦ ମେଟ୍ରିକ ଟନ କଫି ଉତ୍ପାଦିତ ହେଉଛି । କୋରାପୁଟ କଫି ବର୍ତ୍ତମାନ ଜାପାନ ସମେତ ବାହାର ରାଜ୍ୟକୁ ରପ୍ତାନି ହେଉଛି । ମିସନ କାର୍ଯ୍ୟକାରୀ ହେଲେ ଆହୁରି ୧୦ ହଜାର ମେଟ୍ରିକ ଟନ କଫି ଉତ୍ପାଦିତ ହେବ । କଫି ମିସନର ରୂପରେଖ ଏବଂ ବଜେଟ ଆକଳନ ଜାରି ରହିଛି ।

ବି.ଏସ୍.କେ.ୱାଇରେ ୬.୩୧ ଲକ୍ଷ ଲୋକଙ୍କୁ ମିଳିଲା ଦେୟମୁକ୍ତ ଚିକିତ୍ସା

ଭୁବନେଶ୍ୱର,୨୭/୧୨ (ନି.ପ୍ର): ଓଡିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ)ରେ ଚଳିତ ବର୍ଷ ଜାନୁଆରୀ ୧ ତାରିଖରୁ ଡ଼ିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ୬.୩୧ ଲକ୍ଷ ଲୋକ ବିଭିନ୍ନ ଘରୋଇ ହସ୍ପିଟାଲରେ ଉଚ୍ଚମାନର ଦେୟମୁକ୍ତ ଚିକିତ୍ସା ପାଇଛନ୍ତି । ସେମାନଙ୍କର ଚିକିତ୍ସା ବାବଦରେ ରାଜ୍ୟ ସରକାର ଘରୋଇ ହସ୍ପିଟାଲମାନଙ୍କୁ ପ୍ରାୟ ୧୩୮୯ କୋଟି ଟଙ୍କାର ବିଲ୍ ପୈଠ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶ୍ରୀମତି ଶାଳିନୀ ପଣ୍ଡିତ୍ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟନ୍ୱୟନ ସମୀକ୍ଷା ବୈଠକରୁ ଏହା ଜଣପଡିଛି ।

ଓଡିଶା ହେଲଥ୍ ଆସୁରାନ୍ସ ସୋସାଇଟିର ମୂଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା ଡ଼ି. କହିଥିଲେ ଯେ

ରାଜ୍ୟର ସମସ୍ତ ୩୦ ଟି ଜିଲ୍ଲାର ଲୋକ ବି.ଏସ୍.କେ.ୱାଇ ରେ ଚିକିତ୍ସା ସୁବିଧା ପାଇଛନ୍ତି । ଚିକିତ୍ସା ପାଇଁ ଆସିଥିବା ଶତ ପ୍ରତିଶତ ରୋଗୀଙ୍କୁ ୧୦୪ କଲସେଂଟର୍ ମାଧ୍ୟମରେ କାଉସେଲିଂ କରାଯାଇଛି । ନିଜ ନିଜର ପସନ୍ଦର ହସ୍ପିଟାଲରେ ଚିକିତ୍ସା ପାଇଁ ସେମାନଙ୍କୁ ଆବଶ୍ୟକୀୟ ସୂଚନା ଓ ସହାୟତା ଯୋଗାଇ ଦିଆଯାଇଛି । ହସ୍ପିଟାଲରେ ନିୟୋଜିତ ଥିବା ସ

ବିଦାୟୀ ବର୍ଷର କିଛି ତିକ୍ତ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)ଏହି ଶକ୍ତି ଆମକୁ ଅନନ୍ୟ ଏବଂ ଅବିସ୍ମରଣୀୟ କରିଥାଏ । ବୃହତ ରାଷ୍ଟ୍ର ଭାରତ ନିଜର ଜାତୀୟ ଅଖଣ୍ଡତାର ଶକ୍ତିରେ ବିଶ୍ୱର ମୁଖ୍ୟ ହେବାକୁ ଯାଉଛି । ଜାତୀୟ ଅଖଣ୍ଡତାର ଅନୁଭବ ହେଉଛି ଅନନ୍ତ ଆତ୍ମା । ଆମ ସଂସ୍କୃତି ଭାରତକୁ କେବଳ ଭୌଗଳି ଏକକ ଭାବରେ ଗ୍ରହଣ କରିନାହିଁ । ସେ ଏହାକୁ 'ମାତା' ବୋଲି ଗ୍ରହଣ କରେ । ଜଣେ ମାତା ଭାବରେ ତାଙ୍କୁ ସମ୍ମାନିତ କରାଯାଇଛି, ପୂଜା କରାଯାଇଛି ଏବଂ ସୁରକ୍ଷା ଦିଆଯାଇଛି । ଆମର ପିତୃପୁରୁଷମାନେ ଏହାକୁ ମାତୃତ୍ୱ ରୂପେ ଗ୍ରହଣ କରିଛନ୍ତି । ଏଥିସହିତ, ସେମାନେ ଏହାର ସୁରକ୍ଷା ପାଇଁ ସର୍ବଦା ସଂକଳ୍ପବଦ୍ଧ ହୋଇଛନ୍ତି । ଜାତୀୟ ଅଖଣ୍ଡତା ହେଉଛି ଆମର ପ୍ରଗତିର କାରଣ । ଯେତେବେଳେ ଦେଶ ପୂର୍ବରୁ ପଶ୍ଚିମ ଏବଂ ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଏକତାର ସୂତ୍ରରେ ବନ୍ଧା ହୁଏ, ସେତେବେଳେ ଆମେ କେବଳ ଦେଶକୁ ଆଗକୁ ନେଇପାରିବା । ଜାତୀୟ ଅଖଣ୍ଡତା ମଧ୍ୟ ଆମର ନିର୍ଭୀକତାର କାରଣ । ଆମେ କେବଳ ଆମର ଜାତୀୟ ଅଖଣ୍ଡତାର ଶକ୍ତି ଉପରେ ଆମର ଶତ୍ରୁମାନଙ୍କ ସାମ୍ନାରେ ଦୃଢ଼ ଭାବରେ ଦମନ କରିବାର ବେଳ ଆସିଛି । ହିଂସାକୁ ପରିହାର କରି ଅହିଂସା ମାର୍ଗରେ ଆଗେଇ ଯିବାକୁ ହେବ ।

ରାଷ୍ଟ୍ର କେବଳ ବନ୍ଧନ ଦ୍ୱାରା ଅଖଣ୍ଡତା ଏବଂ ଏକତାର ସୂତ୍ରରେ ବନ୍ଧା ହୋଇପାରିବ । ଆମେ ସମସ୍ତେ ଏହି ଅନୁଭବକୁ ଜାଗ୍ରତ କରିବା ଆବଶ୍ୟକ । ସ୍ୱାଧୀନତା ପରବର୍ତ୍ତୀ ସମୟରେ, ଯେତେବେଳେ ଆମର ଜାତୀୟ ଏକତା ଏବଂ ଅଖଣ୍ଡତା ଉପରେ ପ୍ରଶ୍ନ ଚିହ୍ନ ରହିଥିଲା , ସେତେବେଳେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହାର ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ଶ୍ରଦ୍ଧା ସହକାରେ ଭାରତ'ର ମହାନ ସ୍ୱପ୍ନକୁ ସାକାର କରିବା ପାଇଁ ନିଜର ସମସ୍ତ ଶକ୍ତି ସହିତ କାର୍ଯ୍ୟ କରିଥିଲେ । ସେ ବିଭିନ୍ନ ରାଜ୍ୟର ରାଜାଙ୍କୁ ଏକତ୍ରିତ କରି ମୋତି ପରି ଝଲସି ଥିବା ଏକ ସୁନ୍ଦର ମୁକୁଟ ଭାରତ ମା'ର ମୁଣ୍ଡରେ ବାନ୍ଧି ଦେଶ ଗଠନ କରିଥିଲେ । ସେ କହୁଥିଲେ, 'ଏକତା ଠାରୁ ଆଉ କୌଣସି ଶକ୍ତି ବଡ଼ ନୁହେଁ । ଯେପର୍ଯ୍ୟନ୍ତ ଏହା ଏକ ସଠିକ୍ ଉପାୟରେ ଏକତ୍ରିତ ହୋଇ ଏକଜୁଟ ହୋଇନାହିଁ, ସେ ପର୍ଯ୍ୟନ୍ତ ଦେଶ ପରାଧିନତା ଭିତରୁ ମୁକ୍ତ ହୋଇ ପାରିବ ନାହିଁ । ସେ ସର୍ବଦା ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଜି ଆମକୁ ଏହି ଏକତାର ଆତ୍ମା ସହିତ ଆଗକୁ ବଢ଼ିବାକୁ ହେବ । ହିଂସା, ଆତଙ୍କବାଦ, ଅସତ୍ୟ, ଅନ୍ୟାୟ , ଅତ୍ୟାଚାର, ବଳତ୍କାର ଭଳି କୁତ୍ସିତ ଭାବନା ଦ୍ୱାରା ଦେଶର ପ୍ରଗତି କେବେ ବଢ଼ିପାରେ ନାହିଁ , ବରଂ ଦେଶକୁ ରସାତଳ ଗାମୀ କରେ ।

ଥରେ ମାତ୍ର ଭାବିବାକୁ ହେବ ଏ ଜୀବନଟା ବହୁତ ଛୋଟ କାଳି କି ଆମ ଭିତରୁ କିଏ ଯେ ଚାଲିଯିବ ତା'ର କିଛି ସ୍ଥିରତା ନାହିଁ । ତେଣୁ ର୍ଗ୍ୱ, ଅହଂକାର, ଘୃଣା, ଈର୍ଷା, କପଟ ଆଦି ଦୁର୍ଗୁଣ ଗୁଡ଼ିକୁ ତ୍ୟାଗ କରି ଅନ୍ୟର ଅର୍ଥାତ୍ ଦେଶର ଉପକାର କରିବା ଉଚିତ୍ । ଯେଉଁଠିରେ ଅହେତୁକ ଆନନ୍ଦ ଅଛି, ଶାନ୍ତି ଅଛି, ମୁକ୍ତି ଅଛି । ଯେବେ ଅନ୍ଧକାର ଘୋଟି ଆସେ, ତୁମେ ଆଲୋକର ସ୍ରୋତ ହୋଇ ଆସ... ଏହାହିଁ ହେଉ ନୂତନ (୨୦୨୩) ବର୍ଷର ଆଗମନ...!!!

+ ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ : ୯୦୪୦୧୫୧୪୭୫

ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ

ବାଲେଶ୍ୱର, ୨୭/୧୨ (ନି.ପ୍ର): ଅପରାହ୍ନ ୩ ଘଟିକା ସମୟରେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନି ମତୀ ସନ୍ତୋଷିନୀ ବାରିକ-ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବେହେରାଙ୍କ ଜ୍ୟେଷ୍ଠା କନ୍ୟା ଆୟୁଷ୍ମତୀ ମୁନି କୁମାରୀ ରାଜଶ୍ରୀରାଜନନ୍ଦିନୀର ଶୁଭ ଜନ୍ମଦିନ, ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ, ଆଶ୍ରମର କୋଷାଧକ୍ଷ ବ୍ରହ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ବକ୍ତା ଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ଯୋଗଶିକ୍ଷିକା କଳ୍ପନା ମିସ୍ତ୍ରୀ ମହୋଦୟା । ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷିକା ମଞ୍ଜୁଲତା ବେହେରା । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ସମୂହ ଆଶିର୍ବାଦ ପ୍ରଦାନ କରାଯାଇଥିଲା , ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ।ସେ ଜଣେ ଆଦର୍ଶ ଦୁହିତା ହୁଅନ୍ତୁ,ସମାଜରେ ପ୍ରତିଷ୍ଠିତା ହୁଅନ୍ତୁ ।ଯମ ନିୟମ ପାଳନ କରି ପ୍ରତିଦିନ ଯୋଗ ସାଧନ ଜାରି ରଖି ଚାଲିଲେ,ନିରୋଗ ରହିବା ସହିତ,ମେଧା ଶକ୍ତି ଧୀଶକ୍ତି ବୃଦ୍ଧି ହୋଇଥାଏ ।ଉପସ୍ଥିତ ଥିଲେ ମୁନିରାଜ୍ଞୀ ବିମଳା ଲେଙ୍କା,ଯୋଗ ସାଧିକା ବାସନ୍ତୀ ମହାଳିକ,ମୁନିମତୀ ସୀତା ବେହେରା,ଝୁନୁ ଦଳାଇ,ମିନତୀ ପାଲ,ମିନତୀ ବର,ମିନତୀ ମାଝୀ,ମିନତୀ ଜେନା,ବାସନ୍ତୀ ଗିରୀ,ଫୁଲମଣୀ ବେହେରା,ଜାହ୍ନବୀ ଗିରୀ,ସୁସ୍ତୀ ବେହେରା,ଉର୍ମିଳା ରାଉଳ,ପ୍ରମିଳା ବେହେରା,ଅପୂର୍ବ ବେହେରା,ମୁନି ଶରତ ସିଂ,ଶଶଧର ସେନାପତି,ସିନ୍ଧୁ ସିଂ,ମୁନି ତାପସ କୁମାର ଏବଂ ମୁନି ରାଜ ଗ୍ଉରହରି ବାରିକ ଇତ୍ୟାଦି ବହୁ ସଦସ୍ୟ-ସଦସ୍ୟା ମାନେ । ଶେଷରେ ଅଜା ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ମିଷ୍ଟାନ୍ନ ଭକ୍ଷଣ କରାଇ ଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ରାୟଗଡାରେ ରୁଷୀୟ ପର୍ଯ୍ୟଟକଙ୍କ ....

ରାଜେଶ ପଣ୍ଡିତ ଓ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା । ସୂଚନା ଥାଉକି, ରାୟଗଡ଼ାରେ ମୃତ୍ୟୁବରଣ କରିଥିବା ରୁଷୀୟ ପର୍ଯ୍ୟଟକ ପାଭେଲ ଆନ୍ତୋଭ ରୁଷର ସାଂସଦ ତଥା ଜଣେ କୋଟିପତି ବ୍ୟବସାୟୀ ଥିଲେ ବୋଲି ଜଣାଯାଇଛି । ପାଭେଲ ନିଜ ଜନ୍ମଦିନ ପାଳନ ପାଇଁ ସାଙ୍ଗ ପାନ ସେଙ୍କୋ, ଟୁର୍ଭୋ, ଭ୍ଲାଦିମିର ବିଦାନୋଭଙ୍କ ସହ ଓଡ଼ିଶା ଆସିଥିଲେ । ସେମାନେ ଟୁରିଷ୍ଟ ଭିସାରେ ଡିସେମ୍ବର ୧୯ ତାରିଖରେ ଦିଲ୍ଲୀ ପହଂଚି ଭୁବନେଶ୍ୱରରୁ ରାୟଗଡ଼ାରେ ଡିସେମ୍ବର ୨୧ ତାରିଖରେ ପହଂଚିଥିଲେ । ପରବର୍ତୀ ଗନ୍ତବ୍ୟସ୍ଥଳକୁ ଜୟପୁରକୁ ଯାଇଥାନ୍ତେ । ଏଥିପାଇଁ ହୋଟେଲର ଗୋଟିଏ ରୁମରେ ରହିଥିଲେ ଦମ୍ପତି ପାନ ସେଙ୍କୋ ଓ ଟୁର୍ଭୋ । ଆଉ ଏକ ରୁମରେ ରହିଥିଲେ ଭ୍ଲାଦିମିର ଓ ପାଭେଲ । କିନ୍ତୁ ୨୨ ତାରିଖରେ ଆକସ୍ମିକ ଭାବେ ରୁମରେ ପ୍ରାଣ ହରାଇଲେ ଭ୍ଲାଦିମିର । ଏହାର ଦୁଇ ଦିନ ପରେ ଅର୍ଥାତ ୨୪ ତାରିଖରେ ହୋଟେଲ୍ ତଳୁ ପାଭେଲଙ୍କ ମୃତଦେହ ମିଳିଥିଲା ।

ରାଜ୍ୟ କ୍ୟାବିନେଟ....

ଅନୁମୋଦନ ମିଳିଛି । କୃଷକ ସଂଗଠନକୁ ପ୍ରୋତ୍ସାହିତ କରିବା ପାଇଁ ଆଳୁ, ପନିପରିବା ଓ ମସଲା ଉନ୍ନୟନ ଯୋଜନାକୁ ଅନୁମୋଦନ କରିଛି କ୍ୟାବିନେଟ୍ । ଏଥିପାଇଁ ଆଗାମୀ ୪ ବର୍ଷରେ ଖର୍ଚ୍ଚ ହେବ ୧ ହଜାର ୧୪୨ କୋଟି ୨୪ ଲକ୍ଷ ଟଙ୍କା । କୃଷିରେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ପାଣ୍ଠି ବ୍ୟବସ୍ଥା କରାଯାଇଛି । ବଟମ ଛତୁ ଓ ଝରାଫୁଲ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବାକୁ ୫ବର୍ଷରେ ଖର୍ଚ୍ଚ ହେବ ୩୬୭ କୋଟି ୧୯ ଲକ୍ଷ ଟଙ୍କା । ରାଜ୍ୟର ୧ ହଜାର ୭୯୨ ଅପହଞ୍ଚ ଗାଁ ଗୁଡିକରେ ଫୋର-ଜି ମୋବାଇଲ ସେବା ଯୋଗାଇଦେବା ପାଇଁ ବିଏସଏନଏଲକୁ ଜମି ଲିଜ ପ୍ରଦାନ କରାଯାଇଛି । ୩୦ ବର୍ଷ ପାଇଁ ୧ ହଜାର ୬୮୭ଟି ସ୍ଥାନରେ ୨ହଜାର ବର୍ଗଫୁଟ ମାପର ଜମି ପ୍ରମିୟମ ମୁକ୍ତ ଓ ଆନୁଷ୍ଠାନିକ ଦେୟମୁକ୍ତ ବ୍ୟବହାର ପାଇଁ ଲିଜ ଦିଆଯାଇଛି । ଟୋକନ୍ ରାଶି ଆକାରରେ ରାଷ୍ଟ୍ରାୟତ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥା ବିଏସଏନଏଲ ବାର୍ଷିକ କେବଳ ୧ ଟଙ୍କା ଦେବ ।

ବିଶ୍ୱ ହକି କପକୁ ଖୋର୍ଦ୍ଧାରେ ସ୍ୱାଗତ

ଖୋର୍ଦ୍ଧା, ୨୭/୧୨ (ନି.ପ୍ର): ଓଡ଼ିଶାରେ ଆସନ୍ତା ଜାନୁଆରୀ ମାସରେ ବିଶ୍ୱ ହକି କପ ହେବାକୁ ଯାଉଛି । ଏଥିପାଇଁ ହକି କପକୁ ସାରା ରାଜ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି । ଆଜି ଏହି ବିଶ୍ୱହକି କପକୁ ବୋଲଗଡ ଠାରେ ସ୍ୱାଗତ କରାଯିବା ପରେ ଖୋର୍ଦ୍ଧା ଚଣ୍ଡିଚୁଆ ଛକଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି । ଢୂଲଢୁଲି, ପାଇକ ନାଚ, ସଂକୀର୍ତନ ଦଳ, ଘୋଡାନାଚ, ଆତସବାଜି ଜୋର ପ୍ରଦର୍ଶିତ ହୋଇଥିଲା । ପରେ ସ୍କୁଲ କଲେଜ ଛାତ୍ରଛାତ୍ରୀ, କ୍ରୀଡାବିତ, ଖେଳାଳୀ, ବୁଦ୍ଧିଜିବୀ, ଶିକ୍ଷାବିତ ପ୍ରମୁଖ ଯୋଗଦେଇ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ସ୍ଥାନୀୟ ଟାଉନହଲ ପରିସରରେ ଏକ ସାଧାରଣ ସଭା କରାଯାଇଥିଲା । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ-ଜିଲ୍ଲାପାଳ ଦିପ୍ତିରଞ୍ଜନ ସେଠୀ, ତହସିଲଦାର ଇପ୍ସିତ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ । ତେବେ ୧୩ତାରିଖ ଦିନ ବିଶ୍ୱକପ କୁ ସମ୍ମାନ ଦେବାଲାଗି ଏକ ବିରାଟ ଗଣଦେଡ କରାଯିବ । ଏଥିସହିତ ବିଭିନ୍ନ ପ୍ରକାର କ୍ରୀଡା ମଧ୍ୟ କରିବା ଲାଗି ପଦକ୍ଷେପ ନିଆଯାଇଥିବା କହିଛନ୍ତି ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ବେହେରା । ପରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରରାଯାଇଥିବାବେଳେ ଆଜିର କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧୀ ତନୟା ସାହୁ, ଏସଡିପିଓ ଦିଲିପ ଦାସ, ଥାନା ଅଧିକାରୀ ତାରିକ ଅହମ୍ମଦ ପ୍ରମୁଖ ଉପସ୍ଥିତଥିଲେ । ତେବେ ଟାଉନହଲ ଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଜଟଣୀ ଠାରେ ଛଡାଯାଇଥିଲା । ସେଠାରେ ନାଇଜରଠାରେ ଜଟଣୀ ପ୍ରଶାସନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି ।

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଚିତରଂଜନ ଷଡ଼ଙ୍ଗୀ

ନୀଳଗିରି, ୨୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଡିସେମ୍ବର ୨୦ ତାରିଖ ଠାରୁ ଧାନମଣ୍ଡି ଖୋଲିବା ପାଇଁ ଘୋଷଣା କରିଥିଲେ ମଧ୍ୟ ନୀଳଗିରି ଅଂଚଳରେ ଧାନକିଣା ଯାଉ ନାହିଁ । ମିଲରଙ୍କୁ ଲୋଡିଂ ଓ ଓଜନ ବାବଦରେ ସରକାର ସୋସାଇଟିକୁ କୁଂଟାଲ ପିଛା ୮ଟଙ୍କା ଦେଉଥିବା ବେଳେ ମଜୁରୀ ପଡୁଛି ୧୪ଟଙ୍କା ଅଧିକ ଟଙ୍କା କେହି ଦେଉ ନାହାନ୍ତି ବୋଲି ଧାନ କିଣୁଥିବା ସୋସାଇଟି ପ୍ରକାଶ କରିଛନ୍ତି । ସରକାର ୭୫କ୍ୟୁଂଟାଲ ଟୋକନ୍ ଦେଉଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଗୋଟିଏ ଟୋକନରେ ସର୍ବୋଚ୍ଚ ୫୦ କ୍ୟୁଂଟାଲ କିଣାଯିବାର ନିଷ୍ପତି ହୋଇଛି । ଚାଷୀ ବଳକା ୨୫ କ୍ୟୁଂଟାଲ ଧାନ କରିବ କ'ଣ ବୋଲି ଏ ସଂପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା, ମୁଖ୍ୟ ଶାସନ ସଚିବ, ଯୋଗାଣ ବିଭାଗ ସଚିବ , ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଭାବେ ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ ଜଣାଇଛନ୍ତି ।

ଗୋଚର ଜମିରେ ସରକାରୀ ପ୍ରକଳ୍ପକୁ ବିରୋଧ

ବାଲେଶ୍ୱର, ୨୭/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଅନୁଦାନରେ ଗୋଚର ଜମିରେ ହେଉଥିବା ପ୍ରକଳ୍ପ ନିର୍ମାଣକୁ ବିରୋଧ କରିଛନ୍ତି ରେମୁଣାର ମନ୍ଦାରପୁର ପଞ୍ଚାୟତବାସୀ । ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ ସହ ସରକାରୀ ନିୟମ ଉଲଂଘନ କରି ନିର୍ମାଣ ହେଉଥିବା ଗୋଷ୍ଠୀ ସାଧନ କେନ୍ଦ୍ର ସମ୍ପର୍କରେ ଅବଗତ କରିଥିଲେ । ସେମାନଙ୍କ ଆପତ୍ତି ଅନୁସାରେ ରେମୁଣା ବ୍ଲକ ଅନ୍ତର୍ଗତ ମନ୍ଦାରପୁର ଗ୍ରାମର ୮୦ ପ୍ରତି ତଫସିଲଭୁକ୍ତ ଜାତି ଓ ଉପ-ଜାତି ବସବାସ କରନ୍ତି । ଅଧିକାଂଶ ବ୍ୟକ୍ତି କୃଷି ଉପରେ ନୀର୍ଭରଶୀଳ । ଏହି ଗ୍ରାମର ପ୍ରାୟ ସମସ୍ତ ପରିବାର ଗୋରୁ, ଗାଈ, ଛେଳି ପ୍ରଭୃତି ଗୃହପାଳିତ ପଶୁ ରଖିଛନ୍ତି । ସୋନ ନଦୀକୂଳରେ ଅବସ୍ଥିତ ଏହି ମନ୍ଦାରପୁର ମୌଜାର ୫୮୫ ଖାତା ତଥା ୧୧୧୨ ନଂ ପ୍ଲଟ ବିଶିଷ୍ଟ ଗୋଚର ଜମକୁ ଗ୍ରାମବାସୀମାନେ ଦୀର୍ଘଦିନ ଧରି ଗୃହପାଳିତ ପଶୁଙ୍କ ପାଇଁ ବ୍ୟବହାର କରିଆସୁଛନ୍ତି । ମାତ୍ର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ମଞ୍ଜୁର ୮ଲକ୍ଷ ଟଙ୍କାର ଗୋଷ୍ଠୀ ସାଧନ କେନ୍ଦ୍ର ପ୍ରକଳ୍ପକୁ ସ୍ଥାନୀୟ ସରପଞ୍ଚ ଜୋର ଜବରଦସ୍ତ ଏହି ଗୋଚର ଜମିରେ ନିର୍ମାଣ କରୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ପ୍ରକଳ୍ପକୁ ତୁରନ୍ତ ସ୍ଥାନାନ୍ତର ପାଇଁ ରେମୁଣା ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

ଜାତୀୟ ରାଜପଥ ୬୦ରେ ଆମ୍ବୁଲାନ୍ସ ଦୁର୍ଘଟଣା : ୧ ମୃତ, ୫ ଗୁରୁତର

ଜଳେଶ୍ୱର, ୨୭/୧୨(ନି.ପ୍ର): ଆଜି ମଙ୍ଗଳବାର ଭୋର ୪ଟି ସମୟରେ ଜଳେଶ୍ୱର ନିକଟ ୬୦ନଂ ଜାତୀୟ ରାଜପଥର ଖୁସିପ୍ଲାଜା ସମ୍ମୁଖରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇଛି । ଏଥିରେ ଡ୍ରାଇଭରଙ୍କ ସହିତ ୬ଜଣ ଗୁରୁତର ହୋଇଥିବା ବେଳେ ଜଣକର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ପଶ୍ଚିମବଂଗର ପଶ୍ଚିମମେଦିନିପୁର ଜିଲା ଅନ୍ତର୍ଗତ କେଶପୁର ଅଂଚଳର ଜଣେ ରୋଗୀଙ୍କୁ ନେଇ ତାଙ୍କ ସମ୍ପର୍କୀୟମାନେ ଭୁବନେଶ୍ୱର ଏମ୍‌ସ୍‌କୁ ଚିକିତ୍ସାପାଇଁ ଆସିଥିଲେ । ସେଠାରୁ ଆଜି ଫେରିବା ବେଳେ ଜଳେଶ୍ୱର ନିକଟ ୬୦ନଂ ଜାତୀୟ ରାଜପଥର ଖୁସିପ୍ଲାଜା ନିକଟରେ ଡ୍ରାଇଭରର ଅସାବଧାନତା ଯୋଗୁଁ ପାର୍ଶ୍ୱରେ ଛିଡା ଯୋଇଥିବା ଏକ ମାଛ ବୋଝେଇ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଫବ୍ଲୁବିଂଗଇ୧୦ଂ୩୮ ଘରୋଇ ଆମ୍ବୁଲାନ୍ସର ସମ୍ମୁଖଭାବ ଚେପା ହୋଇ ଯାଇଥିଲା । ସେଥିରେ ଥିବା ଡ୍ରାଇଭର ଏସକେ ହବିବୁର (୨୬) ଓ ଏସକେ ତାଜୁବ ଖା(୩୨), ଏସ୍‌କେ ସାଦିକ ଅଲି (୩୦), ଇରସାଦ ଖାଁ (୫୨), ଏସ୍‌କେ ମାଫିଜୁଲ (୬୫), ସାହାଜୁଦ୍ଦିନ ଖାଁ (୪୦), ଇସ୍‌ମା ଖାତୁନ (୩୦) ପ୍ରମୁଖ ଗୁରୁତର ହୋଇ ଜିକେଭଙ୍କର ହସ୍‌ପିଟାଲରେ ଚିକିତ୍ସିତ ହୋଇଥିଲେ । ସେଠାରେ ରୋଗୀ ଇରସାଦ ଖାଁର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ମାନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି । ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ୍ ପହଞ୍ଚି ଆମ୍ବୁଲାନ୍ସକୁ ଜବତ୍ କରିଥିବା ଜଣାଯାଇଛି ।

ବେପାରୁଆ ଗାଡ଼ିଚାଳନା ଯୋଗୁଁ ବୃଦ୍ଧର ମୃତ୍ୟୁ : ଟ୍ରାଫିକ ନିୟନ୍ତ୍ରଣ ପାଇଁ ସାଧାରଣରେ ଦାବି

ନୀଳଗିରି, ୨୭/୧୨ (ନି.ପ୍ର): ନୀଳଗିରି ସହରରେ ଏବେ ଟ୍ରାଫିକ ନିୟନ୍ତ୍ରଣକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଗାଡ଼ିଚାଳକଙ୍କ ବେପାରୁଆ ଗାଡ଼ିଚାଳନା ଯୋଗୁଁ ମଙ୍ଗଳବାର ଦିନ ଜୈନିକ ବୃଦ୍ଧଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଅଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଏନ.ଏ.ସି.ର ୨ନଂ. ୱାର୍ଡ ର ସନାତନ ରାଉତ (୬୫) ନିଜ ଘରୁ ସାଇକେଲ ରେ ନିଜର ଦୋକାନକୁ ଆସୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଡମ୍ପର ତାଙ୍କ ମୁଣ୍ଡ ଉପରେ ଚଢ଼ାଇ ନେବାରୁ ଘଟଣାସ୍ଥଳରେ ତାଙ୍କରର ମୃତ୍ୟୁ ଘଟିଅଛି । ଅଜଣା ଡମ୍ପରଟି ଘଟଣାସ୍ଥଳରୁ ଫେରାର ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଛି । ତଳସଡ଼କର ଗୁଡ଼ି ପୋଖରେ ନିକଟରେ ଏହି ଦୁର୍ଘଟଣା ଘଟିଅଛି । ପ୍ରତିଦିନ ବିନା ପରମିଟରେ ଶହ ଶହ ପଥର ବୋଝେଇ ଡମ୍ପର ବାଗୁଡ଼ିରୁ ନୀଳଗିରିକୁ ଆସୁଥିବା ବେଳେ କାଳେ ତହସିଲଦାରଙ୍କ ହାବୁଡ଼ରେ ପଡ଼ିଯିବାର ଭୟ ରଖି ଡ୍ରାଇଭରମାନେ ସହର ମଧ୍ୟରେ ଦ୍ରୁତଗତିରେ ଗାଡ଼ି ଚାଳନା କରୁଥିବାର ଅଭିଯୋଗ ହେଉଛି । ଏପଟେ ବ୍ରିଜଗୋପାଳ କମ୍ପାନୀ ମିରିଗିଣି ପାହାଡ଼ରୁ ପ୍ରତିଦିନ ଶହ ଶହ ଟ୍ରିପ ମାଟି ପରିବହନ କରୁଥିବା ବେଳେ ଅଧିକ ଟ୍ରିପ କରିବା ଲକ୍ଷ୍ୟରେ ଡ୍ରାଇଭରମାନେ ଦ୍ରୁତ ଗତିରେ ଯାଉଥିବାରୁ ନୀଳଗିରି ପୋଲିସ ଦ୍ରୁତଗାମୀ ଡମ୍ପର ଗୁଡ଼ିକ ଉପରେ ଲଗାମ ଲଗାଇବା ପାଇଁ ସାଧାରଣରେ ଦାବୀ ହେଉଛି ଏବଂ ପ୍ରତ୍ୟେକ ଛକମାନଙ୍କରେ ପୋଲିସ ମୁତୟନ କରି ଟ୍ରାଫିକ ନିୟନ୍ତ୍ରଣ କରିବାକୁ ମଧ୍ୟ ଦାବୀ କରାଯାଇଛି । ଦୁର୍ଘଟଣାସ

ବୁଧବାର, ଡିସେମ୍ବର ୨୮, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ସଦର ବ୍ଲକରେ ସମସ୍ତ ଧାନମଣ୍ଡି ଖୋଲିବାକୁ ବିଜେପିର ଦାବି

ବାଲେଶ୍ୱର, ୨୭/୧୨ (ନି.ପ୍ର): ଡିସେମ୍ବର ମାସ ଶେଷ ହେବାକୁ ବସିଥିବା ବେଳେ ସଦର ବ୍ଲକରେ ଧାନ ମଣ୍ଡି ଖୋଲିବାରେ ପ୍ରଶାସନର କାଳକ୍ଷେପଣ ନୀତିକୁ ନେଇ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ସାକ୍ଷାତ କରିଛନ୍ତି ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ ସଭାପତି ମାନସ କୁମାର ଦତ୍ତ। ଶ୍ରୀ ଦତ୍ତଙ୍କ ନେତୃତ୍ୱରେ ସଦର ବିଜେପିର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲ୍ଲା ଯୋଗାଣ ଭେଟି ବିଗତ ଦିନରେ ସଦର ବ୍ଲକରେ ଧାନ କିଣାରେ ହୋଇଥିବା ସମସ÷। ତଥା ମଣ୍ଡି ପରିଚାଳନ ସମ୍ପର୍କରେ ସୂଚିତ କରିଥିଲେ। ଡିସେମ୍ବର ନୂଆବର୍ଷ ଆରମ୍ଭ ହେବାକୁ ଯାଉଥିବା ବେଳେ ଅଦ୍ୟାବଧି ସମସ୍ତ ମଣ୍ଡି ଖୋଲା ନ ଯିବା, ପୂର୍ବଭଳି ଟୋକନ ଲାପ୍ସ, କଟନୀ ଛଟନୀ ସମସ୍ୟା, ମଣ୍ଡିରେ ତ୍ରୁଟିପୂର୍ଣ୍ଣ ପରିଚାଳନା, ମିଲରମାନଙ୍କର ପ୍ରିୟାପ୍ରୀତି ପୋଷଣକୁ ନେଇ ଚାଷୀଙ୍କ ମନରେ ଆଶଙ୍କା ଦେଖାଦେଇଥିବା ଶ୍ରୀ ଦତ୍ତ ଯୋଗାଣ ଅଧିକାରୀଙ୍କୁ କହିଛନ୍ତି। ସଦର ବ୍ଲକରେ ସମସ୍ତ ମଣ୍ଡି ଖୋଲିବା ସାଙ୍ଗକୁ ଉଚିତ ମଣ୍ଡି ପରିଚାଳନା ମଧ୍ୟରେ ଚାଷୀଙ୍କଠାରୁ ଧାନ କିଣିବାକୁ ସେ ଯୋଗାଣ ଅଧିକାରୀଙ୍କୁ ସେ ପ୍ରସ୍ତାବ ଦେଇଛନ୍ତି। ନତୁବା ଆଗାମୀ ଦିନରେ ସଦର ବିଜେପି ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ରାଜରାସ୍ତାକୁ ଉହ୍ଲାଇବ ବୋଲି ଶ୍ରୀ ଦତ୍ତ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ବୁଢାବଳଙ୍ଗ ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ଦାସ, ଆରସିଏମଏସ ସଭାପତି ସର୍ବେଶ୍ୱର ମହାନ୍ତି, ରୂପସା ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ପଞ୍ଚୁପଡା ମଣ୍ଡଳ ପ୍ରଭାରୀ ଲୋକନାଥ ଭୁୟାଁ, ଚାନ୍ଦିପୁର ମଣ୍ଡଳ ସାଧାରଣ ସମ୍ପାଦକ ଅନନ୍ତ ନାୟକ, ବଇଁଚା ସରପଞ୍ଚ ରବିନାରାୟଣ ପ୍ରଧାନ, ବରିଷ୍ଠ ନେତା ରାଜେନ୍ଦ୍ର ଚାଟାର୍ଜୀ, ୱାର୍ଡ ସଭ୍ୟ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାରେ ବନ୍ଦ ବାଲି ଖାଦାନ ନିଲାମ ପାଇଁ ଦାବିପତ୍ର

ବାଲେଶ୍ୱର, ୨୭/୧୨ (ନି.ପ୍ର): ବାଲେଶ୍ୱର ଜିଲାରେ ବନ୍ଦ ଥିବା ବାଲି ଖାଦାନଗୁଡ଼ିକୁ ନିଲାମ ପାଇଁ ଦାବି କରିଛି ଟ୍ରକ ମାଲିକ ସଙ୍ଘ। ଜିଲ୍ଲା ଟ୍ରକ ମାଲିକ ସଙ୍ଘର କର୍ମକର୍ତ୍ତାମାନେ ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳଙ୍କୁ ସାକ୍ଷାତ କରି ବାଲି ଖାଦାନ ବନ୍ଦ ଯୋଗୁଁ ଟ୍ରକ ମାଲିକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତି କରିଥିଲେ। ବିଶେଷ କରି ବାଲେଶ୍ୱର ଜିଲାରେ ପ୍ରମୁଖ ସୌରାତ ବନ୍ଦ ରହିବା ଫଳରେ କେ' ଫର୍ମ ଜରିଆରେ ସେମାନେ କେନ୍ଦୁଝର ଜିଲା ଆନ୍ଦପୁରର ବୈତରଣୀ ନଦୀରୁ ବାଲି ବାଲେଶ୍ୱରକୁ ଆଣୁଛନ୍ତି। ମାତ୍ର ବାଲେଶ୍ୱର ଜିଲାର ବିଭିନ୍ନ ତହସିଲଦାର ସେମାନଙ୍କ ଟ୍ରକକୁ ଜୋର ଜବରଦସ୍ତ ଜବତ କରିବା ଓ ଜରିମାନା ଆଦାୟ କରୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ପରେ ପରି ତହସିଲଦାରଙ୍କ ବେଆଇନ ଜରିମାନା ଆଦାୟ ବନ୍ଦ ହେଉନାହିଁ। ଅତଏବେ ବାଲେଶ୍ୱରରେ ବନ୍ଦଥିବା ବିଭିନ୍ନ ନଦୀଘାଟରୁ ବାଲି ଉତ୍ତୋଳନ ଆରମ୍ଭ ହେଲେ ସେମାନଙ୍କୁ ଆଉ ସେଭଳି ସ୍ଥିତି ସାମ୍ନା କରିବାକୁ ପଡ଼ନ୍ତା ନାହିଁ ବୋଲି ଟ୍ରକ ମାଲିକ ସଂଘ କର୍ମକର୍ତ୍ତାମାନେ କହିଛନ୍ତି। ବିଶେଷ କରି ସମ୍ପ୍ରତି ଜିଲାରେ ଉପୁଜିଥିବା ବାଲି ଅଭାବ ସ୍ଥିତି ଯୋଗୁଁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ସଂଘ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳଙ୍କୁ ପ୍ରଦାନ କରାଯାଇଛି। ବାଲି ସୌରାତଗୁଡ଼ିକ ନିଲାମ ପାଇଁ ପ୍ରଶାସନ ପକ୍ଷରୁ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ 'ଏନଜିଟି'ଙ୍କ ଅନୁମତି ଆବେଦନ କରାଯାଇଥିବା ବେଳେ ଆସନ୍ତା ୧୫ଦିନ ମଧ୍ୟରେ ନିର୍ଦ୍ଦେଶ ଆସିବା ପରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ସ୍ୱତନ୍ତ୍ର ଜାତୀୟ ସେବା ଶିବିରର ଉଦ୍‌ଘାଟନ ଉତ୍ସବ

ଉଦଳା, ୨୭/୧୨ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୀତ କାଳିନ ସ୍ୱତନ୍ତ୍ର ସେବା ଶିବିର ପୋଷ୍ୟ ଗ୍ରାମ କୁସୁନପୁର ଠାରେ ଉଦ୍‌ଘାଟିତ ହୋଇ ଯାଇଛି । କପ୍ତିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ସେବା ମାଧ୍ୟମରେ ସମଗ୍ର ବିଶ୍ୱବାସୀଙ୍କର କିପରି ନିକଟତର ହେବାର ସୁଯୋଗ ମିଳିଥାଏ ଓ ନିଜର ମଧ୍ୟ ଏଥିପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥାଏ ବିଭିନ୍ନ ଉଦାହରଣ ମାନ ଦେଇ ବିସ୍ତୃତ ବର୍ଣ୍ଣନା କରିଥିଲେ । ପ୍ରୋଗ୍ରାମ ଅଫିସର ମଞ୍ଜନା ମହାପାତ୍ର ଓ ଶାନ୍ତସୁନ୍ଦର ଆଚାର୍ଯ୍ୟ ଶିବିରର ୭ ଦିନର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନେ ଗ୍ରାମ ସଫେଇ କରିବା ସହ ଲୋକଙ୍କୁ ଅନ୍ଧ ବିଶ୍ୱାସ ଠାରୁ ଦୁରେଇ ରୁହ, ଦେହ ଅସୁସ୍ଥ ହେଲେ ଡ଼ାକ୍ତରଖାନାକୁ ଯାଅ ଇତ୍ୟାଦି ବିଷୟରେ ସଚେତନ କରାଇଥିଲେ । ସନ୍ଧ୍ୟାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନାଟକ 'ଡ଼ାହାଣି ବୁଲୁଛି ଆମ ଗାଁରେ' ମଞ୍ଚସ୍ଥ ହୋଇଥିଲା । ଏହା ଗ୍ରାମବାସୀଙ୍କର ମୁଖ୍ୟ ଅକର୍ଷଣର କେନ୍ଦ୍ର ପାଲଟିଥିଲା । ଶେଷରେ ଅଧ୍ୟାପକ ଡ଼କ୍ଟର ନିବାରଣ ଶତପଥୀ ଧନ୍ୟବାଦ ଅର୍ପଣ କରିବା ପରେ ଉଦ୍‌ଘାଟନ ଉତ୍ସବର ଯବନିକା ପଡ଼ିଥିଲା ।

ବାଲେଶ୍ୱରରେ 'ପଠାନ' ଫିଲ୍ମ ପ୍ରଦର୍ଶନ ବନ୍ଦ ଦାବି

ବାଲେଶ୍ୱର, ୨୭/୧୨ (ନି.ପ୍ର): ହିନ୍ଦୀ ଚଳଚ୍ଚିତ୍ର 'ପଠାନ'ର ବେଶର୍ମ ରଙ୍ଗ ଗୀତ ଦୃଶ୍ୟରେ ନାୟିକା ଦୀପିକା ପାଦୁକୋନଙ୍କ ଗୈରିକ ରଙ୍ଗର ଅତି ସଂକ୍ଷିପ୍ତ ପୋଷାକ ପିନ୍ଧା ନୃତ୍ୟକୁ ନେଇ ପ୍ରତିବାଦର ସ୍ୱର ଉଠିଥିବା ବେଳେ ଏହାକୁ ବାଲେଶ୍ୱରରେ ପ୍ରଦର୍ଶନ ବନ୍ଦ ପାଇଁ ଦାବି ଉଠାଇଛି ଭାରତ ସୁରକ୍ଷା ମଞ୍ଚ। ମଞ୍ଚର ବାଲେଶ୍ୱର ଶାଖା ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ ସହ ଏହି ଫିଲ୍ମରେ ଥିବା ବେଶର୍ମ ଗୀତଦୃଶ୍ୟ ମହାନ ଭାରତୀୟ ସଂସ୍କୃତି ପ୍ରତି କୋଠାରାଘାତ ବୋଲି କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ପଠାନ ଫିଲ୍ମର ବେଶର୍ମ ଗୀତର ନାୟିକାଙ୍କ ଗେରୁଆ ରଙ୍ଗ ଅତି ସଂକ୍ଷିପ୍ତ ପୋଷାକ ପିନ୍ଧାନୃତ୍ୟ ନଗ୍ନତାର ସୀମା ଟପିଥିବା ସଭ÷ ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାର ବିଷୟ ହୋଇଛି। ଗୀତର ଦୃଶ୍ୟମାଧ୍ୟମରେ ଗୈରିକ ରଙ୍ଗକୁ ବେଶର୍ମ ରଙ୍ଗ ଭାବେ କୁହାଯାଇଥିବା ଭାରତ ରକ୍ଷା ମଞ୍ଚ କର୍ମକର୍ତ୍ତାମାନେ ଆରୋପ କରିଛନ୍ତି। ଗୈରିକ ତ୍ୟାଗ ଓ ଶୌର୍ଯ୍ୟର ପ୍ରତୀକ ହୋଇଥିବା ବେଳେ ଅତିପ୍ରାଚୀନ କାଳରୁ ଭାରତର ମୁନି, ଋଷି, ସାଧୁ ସନ୍ୟାସୀମାନେ ଏହି ଗୌରିକ ରଙ୍ଗର ବସ୍ତ୍ରକୁ ହିଁ ପରିଧାନ କରିଥାନ୍ତି। ଏହି ଗୌରିକ ରଙ୍ଗର ଧ୍ୱଜ ଦେଶର ବିଭିନ୍ନ ସ୍ଥାନରେ ମନ୍ଦିର ଉପରେ ଉଡ଼ିଥାଏ। ଭାରତର ଜାତୀୟ ପତାକାର ପ୍ରଥମ ଭାଗଟି ହେଉଛି ଗୌରିକ ରଙ୍ଗ। ଗୌରିକ ରଙ୍ଗକୁ ବେଶର୍ମ ରଙ୍ଗ କହିବା ଦ୍ୱାରା ଜାତୀୟ ପତାକାକୁ ଅପମାନ କରାଯାଉଅଛି।

ସାଇ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ବାରିପଦା, ୨୭/୧୨ (ନି.ପ୍ର): ମୟୂରଭଂଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାମନ୍ଦିରରେ ତିନି ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ମଂଚାବନ୍ଧା ସ୍ଥିତ ଅନୁଷ୍ଠାନର ନୂତନ ଗୃହ ପ୍ରାଙ୍ଗଣରେ ଉଦଯାପିତ ହୋଇ ଯାଇଛି । ୨୩ ତାରିଖ ପୂର୍ଣ୍ଣଚନ୍ଦ୍ର ପୁର ଠାରେ ଉଦଘାଟିତ ଏହି କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡିଭାଇନ୍ ଏବଂ ମୟୂରଭଂଜ ସ୍କୁଲ ଅଫ୍ ଇଞ୍ଜିନିୟରିଂର ନିର୍ମାତା ବିପ୍ଳବ ଭଂଜନ ବୁଗୁଡେଇ ଏବଂ ସମ୍ମାନୀତ ଅତିଥି ଭାବରେ ବାରିପଦା ପୌର ପରିଷଦର ୧୫ନମ୍ବର ୱାର୍ଡର କାଉଁସିଲର ନିରୂପମା ମହାନ୍ତି ଯୋଗଦାନ କରି ବାର୍ଷିକ କ୍ରୀଡାର ଶୁଭ ଉଦ୍ ଘାଟନ କରିଥିଲେ । ଛାତ୍ର ଛାତ୍ରୀଙ୍କର ଶାରୀରିକ ତଥା ବୌଦ୍ଧିକ ବିକାଶରେ କ୍ରୀଡାର ମହତ୍ତ୍ୱ ବିଷୟରେ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏଥରେ ୧୦୦ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଗଣିତ ରେସ୍, ମ୍ୟୁଜିକ୍ ଚେୟାର ଏବଂ କ୍ରିକେଟ୍ ଆଦି କ୍ରୀଡା ଅନୁଷ୍ଠିତ ହୋଇଥିଲା । ଛାତ୍ର ଛାତ୍ରୀମାନେ ଏହି କ୍ରୀଡାର ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଆଜି ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଜୟୀ ଛାତ୍ର ଛାତ୍ରୀ ମାନଙ୍କୁ ତୁଳସୀଚୌରା କ୍ଲଷ୍ଟରର ସିଆରସିସି ଭବାନୀ ଚନ୍ଦ୍ର ସିଂ ଏବଂ ରଙ୍ଗଲାଲ ବିଦ୍ୟାପୀଠର ପ୍ରତିଷ୍ଠାତା ପରେଶ ଚନ୍ଦ୍ର ମହାନ୍ତ ଟ୍ରଫି ପ୍ରଦାନ କରିଥିଲେ । ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ କ୍ରୀଡାରେ ସଫଳ ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିବା ବେଳେ, ଅନୁଷ୍ଠାନର ନିର୍ମାତା ନିର୍ଦ୍ଦେଶକ ଇଂ ପ୍ରଭଂଜନ ରାଉତ କ୍ରୀଡା ଉତ୍ସବର ସୁପରିଚାଳନା ପାଇଁ ପ୍ରିନ୍ସିପାଲ ଅକ୍ଷୟ ଖିଲାର, ପ୍ରଧାନ ଶିକ୍ଷକ ଆଶିଷ କୁମାର ହୋତା ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମିଶ୍ର, ପିସିସି ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ସପନ କୁମାର ଦାସ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତା ଏବଂ ଏନ.ଏସ.ଏସ. ର ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

'ଶସ୍ତ୍ର' ଚିଟଫଣ୍ଡ ନିର୍ଦ୍ଦେଶକ-କର୍ମଚାରୀଙ୍କୁ ଜେଲଦଣ୍ଡ

ବାଲେଶ୍ୱର, ୨୭/୧୨ (ନି.ପ୍ର): ଚିଟଫଣ୍ଡ ଠକେଇ ମାମଲାର ବିଚାର କରି ବାଲେଶ୍ୱରର ସ୍ୱତନ୍ତ୍ର ଚିଟଫଣ୍ଡ ଅଦାଲତ ବିଚାରପତି ବିଶ୍ୱଜିତ ଦାସ 'ଶସ୍ତ୍ର' ଏଣ୍ଟରପ୍ରାଇଜେସ ପ୍ରାଇଭେଟ ଲିମିଟେଡ'ର ନିର୍ଦ୍ଦେଶକ ଭି ସମ୍ପଦ ଓ ବୋର୍ଡ ଅଫ ଡାଇରେକ୍ଟର ବି ମଲ୍ଲିକାର୍ଜୁନକୁ ୭ ବର୍ଷ ଜେଲ ଦଣ୍ଡ ସହିତ ୪ଲକ୍ଷ ୨୧ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟ କର୍ମଚାରୀମାନଙ୍କୁ ୩ବର୍ଷ ଜେଲ ଓ ୬୦ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି ମାମଲାକୁ ସରକାରଙ୍କ ପକ୍ଷରୁ ପ୍ରଣବ କୁମାର ପଣ୍ଡା ପରିଚାଳନା କରୁଥିଲେ। ଅଧିକ ସୁଧର ଲୋଭ ଦେଖାଇ ଏହି ସଂସ୍ଥା ସାଧାରଣ ଜମାକରୀଙ୍କଠାରୁ କୋଟି କୋଟି ଠକିଥିବା ନେଇ ବାରିପଦା, ୨୦ ନମ୍ବର ୱାର୍ଡ଼ର କ୍ଷୀରୋଦ ଚନ୍ଦ୍ର ବାରିକ ବାରିପଦା ଟାଉନ ଥାନାରେ ୨.୧୧.୨୦୧୦ରେ ଅଭିଯୋଗ କରିଥିଲେ। ଏନେଇ ୩୦୧ନଂର ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ୫୭ ଜଣ ସାକ୍ଷୀ ଓ ୭୯ଟି ଦଲିଲ ଦସ୍ତାବିଜକୁ ଆଧାରକରି ବିଚାରପତି ଦଣ୍ଡବିଧାନ କରିଥିଲେ। ଶସ୍ତ୍ର ଚିଟଫଣ୍ଡ କମ୍ପାନୀର ନିର୍ଦ୍ଦେଶକ, ତାମିଲନାଡୁର ମୁଗପୈର ଅଞ୍ଚଳର ଭି ସମ୍ପଦ ଓ ବୋର୍ଡ ଅଫ ଡାଇରେକ୍ଟର ତଥା ଆନ୍ଧ୍ର ପ୍ରାଦେଶ, ତିରୁପତି, ଅଲିପିରି, ଚିତ୍ତୁର ଅଞ୍ଚଳର ବି ମଲ୍ଲିକାର୍ଜୁନ ରାଜୁକୁ ୭ ବର୍ଷ ଓ ୪ଲକ୍ଷ ୨୧ ହଜାର ଟଙ୍କା ଲେଖାଏ ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟତମ ଅଭିଯୁକ୍ତ ମୟୂରଭଞ୍ଜ ବୈଶିଙ୍ଗା ଅଞ୍ଚଳର ସଦାଶିବ ନାୟକଙ୍କୁ ୩ବର୍ଷ ଜେଲଦଣ୍ଡ ଓ ୬୦ ହଜାର ଟଙ୍କା, ମୟୂରଭଞ୍ଜ ତାକତପୁର, ତୁଳସୀ ଚୌରା ଅଞ୍ଚଳର ତପନ କୁମାର ବାରିକଙ୍କୁ ୩ ବର୍ଷ ଜେଲ ଦଣ୍ଡ ଓ ୬୦ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟତମ ଅଭିଯୁକ୍ତ ଡ. ପାର୍ଥସାରଥୀ ଜେନାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

୮ଟି ଚୋରା ବାଲି ବୋଝେଇ ଟ୍ରକ୍ ଜବତ

ଗଞ୍ଜାମ, ୨୭/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଅଙ୍କୁଶପୁର ଠାରେ ଆଜି ଭୋରରୁ ୮ଟି ଚୋରା ବାଲି ବୋଝେଇ ଟ୍ରକ୍ କୁ କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣୀ ସଙ୍ଗମିତ୍ରା ଜବତ କରିଛନ୍ତି । ଆସିକା ଏବଂ ହିଞ୍ଜିଳିକାଟୁ ଅଂଚଳରୁ ଟ୍ରକ୍ ଯୋଗେ ବ୍ରହ୍ମପୁରକୁ ବାଲି ଚାଲାଣ ବେଳେ ଏହାକୁ ଜବତ କରାଯାଇଛି । ଜବତ ଗାଡ଼ି ଏବଂ ଗାଡ଼ିର ମାଲିକାନା ସମ୍ପର୍କରେ ତହସିଲଦାର ତଦନ୍ତ କରୁଛନ୍ତି ।

ଲେଡ଼ି ମେଟ୍ରୋନମାନଙ୍କ ଗଣଧାରଣା

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ନିଯୁକ୍ତି ପାଇଥିବା ଲେଡି ମେଟ୍ରୋନ ମାନଙ୍କର ଏକ ବିଶାଳ ଶୋଭାଯାତ୍ରା ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ନେତୃତ୍ୱରେ ମାଷ୍ଟରକ୍ୟାଂଟିନ ଛକଠାରୁ ବାହାରି, ବିଭିନ୍ନ ସ୍ଲୋଗାନ ଓ ପ୍ଲାକାର୍ଡ଼ ଧରି ପିଏମ୍‌ଜି ଧାରଣାସ୍ଥଳରେ ପହଂଚିଥିଲେ। ଏହାପରେ ସେଠାରେ ଏକ ସଭା ପ୍ରତାପ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଲେଡି ମେଟ୍ରୋନମାନଙ୍କ ଚାକିରୀ ସର୍ତ୍ତାବଳୀ ଅନୁଯାୟୀ ହଷ୍ଟେଲ ପରିଚାଳନା ଦାୟିତ୍ୱ ଦେବା, ସରକାରୀ ଚାକିରୀର ମାନ୍ୟତା ପ୍ରଦାନ କରିବା, ୨୪ ଘଂଟା ପରିବର୍ତ୍ତେ ୮ ଘଂଟା କାର୍ଯ୍ୟ କରିବା, ମାସିକ ଦରମା ୧୦ ହଜାର ପରିବର୍ତ୍ତେ ୧୮ ହଜାର ଟଙ୍କାକୁ ବୃଦ୍ଧି କରିବା, କାର୍ଯ୍ୟାଳୟ ନିକଟରେ ବାସଗୃହ ଯୋଗାଇ ଦେବା, ଇପିଏଫ୍ କାଟି ଜମା କରିବା, ଅନୁକମ୍ପାମୂଳକ ନିଯୁକ୍ତି ଦାବିରେ ପରିବାରର ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ବକ୍ତାମାନେ କହିଥିଲେ।

ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ହଳଦୀପଦାର ରୌପ୍ୟ ଜୟନ୍ତୀ ସମାରୋହର ପ୍ରଥମ ସନ୍ଧ୍ୟା ଉତ୍ସବ

ହଳଦୀପଦା, ୨୭/୧୨ (ନି.ପ୍ର): ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ହଳଦୀପଦାର ରୌପ୍ୟ ଜୟନ୍ତୀ ସମାରୋହ ଓ ବାର୍ଷିକ ଉତ୍ସବ ମହା ସମାରୋହ ରେ ଅନୁଷ୍ଠିତ ହେଇଯାଇଛି କ୍ଷ ପ୍ରାରମ୍ଭ ପ୍ରାତଃ ସଭା ରେ ସମସ୍ତ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାମୁହିକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲାକ୍ଷ ଦିବା ଅଧିବେଶନ ରେ ଶରତ ଚନ୍ଦ୍ର ଜେନା ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ, ମୁଖ୍ୟ ବକ୍ତା ଭାବେ, ସାମ୍ମନ୍ୱିତ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷ ସନ୍ଧ୍ୟା ଅଧିବେଶନ ର ପ୍ରାରମ୍ଭରେ ସମସ୍ତ ଅତିଥି ମାନଙ୍କ ଦ୍ୱାରା ବିବେକାନନ୍ଦ ଏବଂ ରାଷ୍ଟ୍ର ଭକ୍ତ ସଦାନନ୍ଦଜି ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା ଅନୁଷ୍ଠାନର ସମ୍ପାଦକ କ୍ଷିତୀଶ କୁମାର ଜେନା ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗ ଦେଇ ପିଲାମାନଙ୍କ ଗଠନ ଦିଗରେ ପିତାମାତା ଏବଂ ଅଭିଭାବକ ମାନଙ୍କ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରିଥିଲେ କ୍ଷ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଶାସନିକ ଓ ବିଶିଷ୍ଟ ସାହିତ୍ୟିକ ପ୍ରଦୀପ ଦାଶ, ସମ୍ମାନ୍ୱିତ ଅତିଥି ଭାବେ ଅବସର ପ୍ରାପ୍ତ ସିବିଆଇ ଅଫିସର ଜୟ ନାରାୟଣ ରଣା, ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସମ୍ପାଦକ ଯୋଗେନ୍ଦ୍ର ଦାଶ, ବାଲେଶ୍ୱର ର ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବହୁ ମୂଲ୍ୟ ବକ୍ତବ୍ୟ ରଖିଥଲେ । ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟ ରତିକାନ୍ତ ଚୌଧୁରୀ ସ୍ୱାଗତ ଅଭିଭାଷଣ ରଖିଥଲା ବେଳେ ସଭାପତି ଶିତିକଣ୍ଠ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଳ ଅନୁଷ୍ଠାନ ର ବାର୍ଷିକ ମୁଖପତ୍ର ବିବେକ ଶ୍ରୀ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା କ୍ଷ ଅନୁଷ୍ଠାନ ତରଫରୁ ଦୀର୍ଘ ବର୍ଷ ସ୍ୱୋ ପାଇଁ ପ୍ରଧାନ ଆଚାର୍ଯ୍ୟ ରତିକାନ୍ତ ଚୌଧୁରୀ, ଗୁରୁମା ଜ୍ୟୋତ୍ସ୍ନା ରାଣୀ ରଣା, ସେବିକା ବୀଣା ପାଣି ଦାସ ଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ଉପଢୌକନ